## ସଂକ୍ଷେପରେ

### ବ୍ରାହ୍ମଣୀରୁ ଯୁବକଙ୍କ ଗଳିତ ମୃତଦେହ ଜବତ

**ଦେବଗଡ଼, ୬।୧୦(ଡି.ଏନ୍.ଏ.):** ଦେବଗଡ଼ ଜିଲା ବାରକୋଟସ୍ଥିତ ବ୍ରାହ୍ମଣୀ ନଦୀର ପୋଲ ତଳୁ ବୁଧବାର ମଧ୍ୟାହ୍ନରେ ଜଣେ ଯୁବକଙ୍କର ଗଳିତ ମୃତଦେହ ଜବତ କରାଯାଇଛି। ମୃତ ଯୁବକ ହେଲେ ରାଉରକେଲା ପ୍ଲାଣ୍ଟସାଇଡ଼ ଥାନା ଜିଟି ଲେନ ଅଞ୍ଚଳର ବିକାଶ ଓଝା (୨୫)। ଗତ ୩ ତାରିଖ ମଧ୍ୟାହ୍ନରେ ନିଜର ୩ ସାଙ୍ଗଙ୍କ ସହ ଗାଧୋଇବା ପାଇଁ ବେଦବ୍ୟାସସ୍ଥିତ ବ୍ରାହ୍ମଣୀ ନଦୀକୁ ଯାଇଥିବାବେଳେ ପାଣିରେ ବୁଡି ନିଖୋଜ ହୋଇଯାଇଥିଲେ। ତାଙ୍କର ସାଙ୍ଗମାନେ ସ୍ଥାନୀୟ ଲୋକଙ୍କ ସହାୟତାରେ ବହୁ ଖୋଜାଖୋଜି କରିଥିଲେ ମଧ ବିକାଶଙ୍କର କୌଣସି ପତ୍ତା ମିଳି ନ ଥିଲା । ନଦୀରେ ମୃତ୍ୟୁ ହେବା ପରେ ମୃତଦେହ ଭାସିଆସିଥିଲା।

### ବ୍ୟବସାୟୀଙ୍କଠାରୁ ଟଙ୍କା ବ୍ୟାଗ ଲୁଟିନେଲେ ଦୁର୍ବୃତ୍ତ

**କୁତ୍ରା, ୬।୧୦ ( ଡି.ଏନ.ଏ.) :** ସୁନ୍ଦରଗଡ଼ ଜିଲା କୁତ୍ରା ଗ୍ରାମର ସୁନ୍ଦରମଣି ବେହେରା ନାମକ ଜଣେ ବ୍ୟବସାୟୀଙ୍କଠାରୁ ଟଙ୍କା ବ୍ୟାଗ ଲୁଟ ହୋଇଥିବା ନେଇ କୁତ୍ରା ଥାନାରେ ଲିଖିତ ଅଭିଯୋଗ ହୋଇଛି। ସେ ତାଙ୍କର ଇଣ୍ଡିଆନ ଗ୍ୟାସ୍ ଗୋଦାମ ବନ୍ଦ କରି ସେଠାରୁ ଟଙ୍କା ବ୍ୟାଗ ଧରି ୨୦୦ ମିଟର ଦୂରରେ ଥିବା ତାଙ୍କ ଘରକୁ ଫେରୁଥିଲେ। ତାଙ୍କ ଘର ନିକଟରେ ଆଗରୁ ଛପିଥିବା ଦୁଇ ଜଣ ଦୁର୍ବୃତ୍ତ ହଠାତ୍ ବାଇକ୍‌ରେ ଆସି ଟଙ୍କା ବ୍ୟାଗ ଲୁଟିନେଇ ଚମ୍ପଟ ମାରିଥିଲେ। ସେହି ବ୍ୟାଗରେ କୋଡିଏ ହଜାର ଟଙ୍କା ଥିଲା। ପୋଲିସ ଘଟଣାର ତଦନ୍ତ କରୁଛି।

### ସୁନ୍ଦରଗଡ଼ରେ ମା'ସମଲେଶ୍ୱରୀଙ୍କ ଧବଳମୁଖୀ ବେଶ

**ସୁନ୍ଦରଗଡ଼, ୬।୧୦(ଡି.ଏନ୍.ଏ):** ସୁନ୍ଦରଗଡ଼ ରାଜବାଟୀସ୍ଥିତ ମା ସମଲେଶ୍ୱରୀଙ୍କ ମନ୍ଦିରରେ ଶାରଦୀୟ ନବଦିନାତ୍ମକ ପୂଜା ଆରମ୍ଭ ହୋଇଛି। ବୁଧବାର ପବିତ୍ର ମହାଳୟା ତିଥିରେ ମା' ସମଲେଶ୍ୱରୀଙ୍କ ଧବଳମୁଖୀ ବେଶ ଅନୁଷ୍ଠିତ ହୋଇଥିଲା। ଏହି ଦିନ ମା' ଚିରାଚରିତ ଲୋହିତ ବର୍ଣ୍ଣ ତ୍ୟାଗକରି ଶ୍ୱେତ ବର୍ଣ୍ଣରେ ସଜ୍ଜିତ ହୋଇଥାଆନ୍ତି। ଏହି ଅବସରରେ ଶଙ୍ଖ, ଗୋପୀତିଳକ ଅଗୁରୁ ଚନ୍ଦନ ଓ ଧବଳପୁଷ୍ପ ଦ୍ୱାରା ମାଁଙ୍କୁ ଧବଳମୁଖୀ ବେଶରେ ସୁସଜ୍ଜିତ କରାଯାଇ ପୂଜାର୍ଚ୍ଚନା କରାଯାଇଥିଲା। ଧବଳମୁଖୀ ବେଶ ତଥା ଗଙ୍ଗା ଦର୍ଶନ ପାଇଁ ମନ୍ଦିରରେ ବିଶେଷ ରୀତିନୀତି ଅନୁଷ୍ଠିତ ହୋଇଥିଲା। ଏଥିପାଇଁ ଭୋର ୫ଟାରୁ ମଙ୍ଗଳଆରତୀ, ନୀତିପୂଜା, ମଧ୍ୟାହ୍ନରେ ଅନ୍ନଭୋଗ ସହ ଆରତି ଏବଂ ସନ୍ଧ୍ୟାରେ ଶ୍ରଦ୍ଧାଳୁଙ୍କ ସକାଶେ ପୁନଃଦର୍ଶନ ବ୍ୟବସ୍ଥା କରାଯାଇଛି।

### ସ୍କ୍ରାପ୍ ଚୋରି : ଯୁବକ ଗିରଫ

**ରାଉରକେଲା ଅଫିସ,୬।୧୦:** ଟାଙ୍ଗରପାଲି ପୋଲିସ ସ୍କ୍ରାପ ଚୋରି ଅଭିଯୋଗରେ ଶୁକ୍ରା ରାମ(୩୦)ଙ୍କୁ ବୁଧବାର ଗିରଫ କରିଛି । ଶୁକ୍ରା ଦେଓଗାଁ ଅଞ୍ଚଳରେ ବାସ କରନ୍ତି। ମଙ୍ଗଳବାର ବିଳମ୍ବିତ ରାତିରେ ପ୍ଲାଣ୍ଟର ପାଚେରି ଡେଇଁ ସ୍କ୍ରାପ ଚୋରି କରୁଥିଲେ। ଏହି ସମୟରେ ତାଙ୍କୁ ସିଆଇଏସ୍ଏଫ ଯବାନ ଧରି ପୋଲିସ ଜିମା ଦେଇଥିଲେ। ପୋଲିସ ଉକ୍ତ ଘଟଣାର ତଦନ୍ତ କରି ଏକ ମାମଲା ରୁଜୁ କରି ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

### ଅଙ୍ଗନୱାଡି ଲେଡିଜ ୱାର୍କରସ୍ ଆସୋସିଏଶନର ବୈଠକ

**ସୁନ୍ଦରଗଡ,୬।୧୦(ଡି.ଏନ.ଏ.):** ଅଲଓଡ଼ିଶା ଅଙ୍ଗନୱାଡି ଲେଡିଜ ୱାର୍କରସ୍ ଆସୋସିଏଶନ ସୁନ୍ଦରଗଡ ଜିଲା ସଦର ବ୍ଲକ ଶାଖାର ଏକ ବୈଠକ ବୁଧବାର କିରେଇଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକର ସମସ୍ତ ଅଙ୍ଗନୱାଡି କର୍ମୀ, ସହାୟିକା ଓ ମିନି ଅଙ୍ଗନୱାଡି କର୍ମୀମାନେ ଯୋଗଦେଇଥିଲେ। ଏହି ବୈଠକରେ ପ୍ରି-ପ୍ରାଇମେରୀ ଶିକ୍ଷା, ସରକାରଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଥିବା ଦାବପତ୍ର ତଥା ବ୍ଲକରେ ସୃଷ୍ଟି ହେଉଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇ ସାଙ୍ଗଠନିକ ସୁଦୃଢ଼ିକରଣ ନିମନ୍ତେ ଅଖିଳ ଭାରତୀୟ ଅଙ୍ଗନୱାଡି କର୍ମଚାରୀ ମହାସଂଘର ସାଧାରଣ ସମ୍ପାଦିକା ଅଞ୍ଜଳି ପଟେଲ ଆହ୍ୱାନ ଜଣାଇଥିଲେ। ବୈଠକରେ ସୁନ୍ଦରଗଡ ଜିଲା ସଭାପତି ବାସନ୍ତୀ ବାଗଙ୍କ ସମେତ ସୁବର୍ଣ୍ଣ ପଟେଲ, ବୈଜୟନ୍ତି ନାଏକ, ବୃନ୍ଦାବତୀ ଓଡ଼ା, କିଶୋରୀ ନାଏକ ପ୍ରମୁଖ କର୍ମୀ ଯୋଗଦାନ କରିଥିଲେ ।

# ପୁରୁଣା ଫାର୍ମପଣ୍ଡକୁ ନୂଆ ଦର୍ଶାଇ ଅର୍ଥ ଉଠାଣ

**ବଡ଼ଗାଁ, ୬।୧୦(ଡି.ଏନ୍.ଏ.)**

ସୁନ୍ଦରଗଡ଼ ଜିଲା ବଡ଼ଗାଁ ପଞ୍ଚାୟତ ସମିତି ଦ୍ୱାରା ଅନ୍ୟ ବିଭାଗର ପୁରୁଣା କାମର ନାମଫଳକର ଲେଖା ଲିଭାଇ ସେଇ କାମକୁ ପଞ୍ଚାୟତ ସମିତି କାମ ଲେଖି ଲକ୍ଷାଧିକ ଟଙ୍କା ହଡପ କରାଯାଇଥିବା ଅଭିଯୋଗ ଥିଲାବେଳେ ଜଳ ବିଭାଜିକା ସୁନ୍ଦରଗଡ଼ ଦ୍ୱାରା ପୁରୁଣା ଫାର୍ମପଣ୍ଡକୁ ନୂତନ ଦର୍ଶାଇ ଅର୍ଥ ଉଠାଣ କରାଯାଇଥିବା ଜଣାପଡ଼ିଛି। ବରଙ୍ଗାକଛାର ପଞ୍ଚାୟତ ମୁଣ୍ଡାଗାଁର କୁମରମଣୀ ସାଙ୍କୁ ୨୦୧୦ ମସିହାରେ ମୃତ୍ତିକା ସଂରକ୍ଷଣ ବିଭାଗ ପକ୍ଷରୁ ଫାର୍ମପଣ୍ଡ ମିଳିଥିଲା। ଏହି ପୁରୁଣା ଫାର୍ମପଣ୍ଡକୁ ଚଳିତବର୍ଷ ନୂତନ ପଣ୍ଡ ଦର୍ଶାଇ ଶ୍ରମିକଙ୍କ ନାଁରେ ଅର୍ଥ ଉଠାଣ କରାଯାଇଛି। ଏମ୍‌ଜିଏନ୍‌ଆରଇଜିଏସ୍ ୱେବ ସାଇଟ୍‌ରୁ ମିଳିଥିବା ତଥ୍ୟ ଅନୁଯାଇ କୁମରମଣୀଙ୍କ ଫାର୍ମପଣ୍ଡ ଖୋଳାରେ ୪୧ ହଜାର ୮୮୬ଟଙ୍କା ଶ୍ରମିକ ମଜୁରୀ ଦିଆଯାଇଥିବା ଉଲ୍ଲେଖ କରାଯାଇଛି। ଏ ସମ୍ପର୍କରେ ହିତାଧିକାରୀ କୁମରମଣୀଙ୍କୁ ପଚାରିବାରେ ସେ କହିଛନ୍ତି, ୧୦ବର୍ଷ ପୂର୍ବେ ମୃତ୍ତିକା ସଂରକ୍ଷଣ ବିଭାଗ ପକ୍ଷରୁ ମିଳିଥିବା ଫାର୍ମପଣ୍ଡ ଖୋଳିଥିଲି। କିଛିଦିନ ପୂର୍ବେ ପୁରୁଣା ଫାର୍ମପଣ୍ଡର ହିଡକୁ ସଫା କରି ସେଠାରେ ୨ଜଣ କର୍ମଚାରୀ ଆସି ମୋତେ ଠିଆ କରାଇ ଫଟୋ ଉଠାଇନେଲେ। ଶୁଣୁଛି ମୋ ନାଁରେ ଫାର୍ମପଣ୍ଡ ଆସିଛି ଓ ଖୋଳି ନ ଥିଲେ ମଧ ଶ୍ରମିକ ମଜୁରି ଉଠାଣ ହୋଇଛି। ତେବେ ମାଷ୍ଟରରୋଲରେ ମୁଣ୍ଡା ଗାଁର ମନୋଜ ରଉଡିଆଙ୍କ ନାଁରେ ୨ସପ୍ତାହ କାମ କରି ଟଙ୍କା ଉଠାଣ କରିଥିବା ନେଇ ତାଙ୍କୁ ପଚାରିବାରେ ସେ କହିଛନ୍ତି ମୁଁ କୁମରମଣିଙ୍କ ଫାର୍ମପଣ୍ଡ ଖୋଳା କାମ କରିନାହିଁ। ମୋ ନାଁରେ ଶ୍ରମିକ ମଜୁରି ଆସିବା ପରେ ଆମ ଗାଁର ପ୍ରକାଶ ନାଏକ ଟଙ୍କା ଉଠାଣ କରିବାକୁ କହିଲେ ଓ ମୋତେ ୨ଶହ ଟଙ୍କା ଦେଇ ବାକି ଟଙ୍କା ନେଇଗଲେ। ସେହିପରି କୁମବାହାଲ ଗାଁର ମାରିଆନା ଟପ୍ପୋଙ୍କୁ ପଚାରିବାରେ ସେ କୁମରମଣିଙ୍କ ଫାର୍ମପଣ୍ଡ କାମ କରି ନ ଥିବା କହିଛନ୍ତି। ତାଙ୍କ ନାଁରେ ମଧ ୨ ସପ୍ତାହର ମଜୁରି ଟଙ୍କା ଆସିଥିବା ଜଣାପଡ଼ିଛି। ଆଉ କେତେକ ଶ୍ରମିକଙ୍କୁ ପଚାରିବାରେ ସେମାନେ ଫାର୍ମପଣ୍ଡ କାମ କରି ନ ଥିବା କହିଛନ୍ତି। ସେହିପରି ଆଉ ଜଣେ ହିତାଧିକାରୀ ଜନ୍ମେଜୟ ରଉଡିଆଙ୍କ ଫାର୍ମପଣ୍ଡ ୧୫ ଫେବୃଆରୀ ୨୦୨୧ରୁ ୩୦ ସେପ୍ଟେମ୍ବର ମଧ୍ୟରେ ଖୋଳାଯାଇଥିବା ଦର୍ଶାଇ ୯୮ହଜାର ୬୪୬ ଟଙ୍କା ଶ୍ରମିକ ମଜୁରି ଉଠାଣ କରାଯାଇଛି।

ଏ ସମ୍ପର୍କରେ କେତେକ ବ୍ୟକ୍ତି ଜାଣିବା ପରେ ଗତ ୩୦ ତାରିଖରୁ ଫାର୍ମପଣ୍ଡ ଖୋଳା ଆରମ୍ଭ କରାଯାଇଛି। ମୁଣ୍ଡାଗାଁର ଶ୍ରମିକ କୃତି ଧରୁଆଙ୍କ ନାଁରେ ୨୪ଦିନ, କୁମବାହାଲ ଗାଁର ଧନୁ ଧରୁଆଙ୍କ ନାଁରେ ୧୨ ଦିନ, ପ୍ରଫୁଲ ଡନସନାଙ୍କ ନାଁରେ ୨୪ଦିନ, ଭେଲୁଆବାହାଲ ଗ୍ରାମର ସବିତା କିଷାନଙ୍କ ନାଁରେ ୩୦ଦିନର ମଜୁରି ଉଠାଣ କରାଯାଇଥିବା ଜଣାପଡ଼ିଛି। ଏହି ଶ୍ରମିକମାନଙ୍କୁ ପଚାରିବାରେ ସେମାନେ ଜନ୍ମେଜୟଙ୍କ ଫାର୍ମପଣ୍ଡ କାମ କରି ନ ଥିବା କହିଛନ୍ତି। ଜଳ ବିଭାଜିକାର ଏସଇଓ ଧନେଶ୍ୱର ମୁଣ୍ଡାଙ୍କୁ ପଚାରିବରେ ତଦନ୍ତ କରିବେ ବୋଲି କହିଛନ୍ତି। ବିଭାଗୀୟ ଜିଲା କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହେଉଛି।

# ଆଇପିଏଲ୍ ବେଟିଂ: ଦୁଇ ଗିରଫ



ଖବରଦାତା ସମ୍ମିଳନୀରେ ପୋଲିସ ଅଧିକାରୀଙ୍କ ସହ ଦେବଗଡ଼ ଏସ୍‌ପି ରାଜକିଶୋର ପାଇକରାୟ ଓ ଦୁଇ ଅଭିଯୁକ୍ତ।

**ଦେବଗଡ଼, ୬।୧୦(ଡି.ଏନ୍.ଏ.)**

ଦେବଗଡ଼ ଥାନା ଅନ୍ତର୍ଗତ ଜଡାଗୋଳା ଗ୍ରାମରେ ଆଇପିଏଲ୍ ବେଟିଂ ଚାଲିଥିବାବେଳେ ପୋଲିସ ଚଢାଉକରି ୨ଜଣଙ୍କୁ ଗିରଫ କରିଛି। ସେମାନଙ୍କ ନାମରେ ମାମଲା ରୁଜୁ କରାଯାଇ ବୁଧବାର କୋର୍ଟ ଚାଲାଣ କରାଯାଇଛି। ସେମାନେ ହେଲେ ଉକ୍ତ ଗ୍ରାମର ଦୁଇ ଭାଇ ବାପୁନ ବେହେରା ଓ ଲିପୁନ ବେହେରା। ଚଢାଉବେଳେ ସେମାନଙ୍କ ନିକଟରୁ ନଗଦ ୯ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ସହ ମୋବାଇଲ ଫୋନ, ଲାପଟପ୍, ବିଭିନ୍ନ ବ୍ୟାଙ୍କ ଆକାଉଣ୍ଟ ଓ ଏଟିଏମ୍ କାର୍ଡ ପୋଲିସ ଜବତ କରିଛି। ତଦନ୍ତରୁ ଏହା ଏକ ଆନ୍ତଃରାଜ୍ୟ ଗ୍ୟାଙ୍ଗ ଓ ଏହି ବ୍ୟାଟିଂରେ ରାଜ୍ୟ ତଥା ରାଜ୍ୟ ବାହାରର ବହୁ ବ୍ୟକ୍ତିଙ୍କ ସମ୍ପୃକ୍ତି ଥିବା ଜଣାପଡିଛି ବୋଲି ବୁଧବାର ସନ୍ଧ୍ୟାରେ ଦେବଗଡ଼ ଆଦର୍ଶ ଥାନା ପରିସରରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଦେବଗଡ଼ ଏସ୍‌ପି ରାଜକିଶୋର ପାଇକରାୟ ସୂଚନା ଦେଇଛନ୍ତି।

ଏସ୍‌ପି କହିଛନ୍ତି ଯେ, ଜଡାଗୋଳା ଗ୍ରାମରେ ଆଇପିଏଲ୍ ବେଟିଂ ଚାଲିଥିବା ନେଇ ମଙ୍ଗଳବାର ସୂଚନା ମିଳିଥିଲା। ଜିଲା ପୋଲିସର ସ୍ପେଶାଲ ସ୍କ୍ୱାଡ୍ ଏସ୍‌ଡିପିଓ ପ୍ରତ୍ୟୁଷ କୁମାର ମହାପାତ୍ରଙ୍କ ନେତୃତ୍ୱରେ ସେଠାରେ ଅତର୍କିତ ଚଢ଼ାଉ କରିଥିଲେ। ଚଢାଉ ବେଳେ ଉକ୍ତ ଦୁଇଜଣଙ୍କୁ ଗିରଫ କରିଥିଲେ।

ଏହି ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଦେବଗଡ଼ ଏସ୍‌ଡିପିଓ ପ୍ରତ୍ୟୁଷ କୁମାର ମହାପାତ୍ର, ଡିଏସ୍‌ପି ପ୍ରଦୀପ କେର୍କେଟା, ସ୍ପେଶାଲ ସ୍କ୍ୱାଡ୍ ଏସ୍‌ଆଇ ବୁଦ୍ଧାରାୟ ମାଝି ଓ ପ୍ରତାପ ଦଳେଇ ଉପସ୍ଥିତ ଥିଲେ।

# ଜଙ୍ଗଲ ଓ ବନ୍ୟପ୍ରାଣୀଙ୍କ ସୁରକ୍ଷା ଜରୁରୀ

**ରାଉରକେଲା ଅଫିସ, ୬।୧୦**




ବନ୍ୟପ୍ରାଣୀ ସପ୍ତାହ ପାଳନ ଉତ୍ସବରେ ମଞ୍ଚାସୀନ ଅତିଥି।

ବନ୍ୟଜନ୍ତୁଙ୍କୁ ସୁରକ୍ଷା ପ୍ରଦାନ ସହ ଏକ ସନ୍ତୁଳିତ ପରିବେଶ ସୃଷ୍ଟି କରିବାର ଆବଶ୍ୟକତା ରହିଛି ବୋଲି ରାଉରକେଲା ସ୍ଥିତ ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ ଡ.ଅରୁଣ କୁମାର ମିଶ୍ର କରିଛନ୍ତି। ଜଙ୍ଗଲ ଓ ବନ୍ୟଜନ୍ତୁଙ୍କ ସୁରକ୍ଷା ଜରୁରୀ ହୋଇପଡ଼ିଛି। ଏଥିନିମନ୍ତେ ସରକାର ବିଭିନ୍ନ କାର୍ଯ୍ୟକ୍ରମ ଗ୍ରହଣ କରୁଛନ୍ତି। ରାଉରକେଲା ବନମଣ୍ଡଳ ଏବଂ ବନଖଣ୍ଡର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ସିଭିକ ସେଣ୍ଟରଠାରେ ଆୟୋଜିତ ୬୭ତମ ବନ୍ୟପ୍ରାଣୀ ସପ୍ତାହ ପାଳନ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଡ. ମିଶ୍ର ଏହା କହିଛନ୍ତି। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ରାଉରକେଲା ବନ ମଣ୍ଡଳ ଅଧିକାରୀ ଯଶୋବନ୍ତ ସେଠୀ ଯୋଗଦେଇ ଜୀବଜନ୍ତୁମାନଙ୍କୁ ସମସ୍ତେ ସୁରକ୍ଷାଦେଲେ ଆଗାମୀ ପିଢି ବଣ ଜଙ୍ଗଲରେ ସେମାନଙ୍କୁ ଦେଖିବାର ସୁଯୋଗ ପାଇପାରିବେ ବୋଲି କହିଥିଲେ । ବନ୍ଧମୁଣ୍ଡାସ୍ଥିତ ଦକ୍ଷିଣ ପୂର୍ବ ରେଳବାଇର ସହକାରୀ ଆଞ୍ଚଳିକ ମ୍ୟାନେଜର ନିଶାନ୍ତ କୁମାର ଅତିଥି ଭାବେ ଯୋଗଦେଇ ହାତୀମାନେ ରେଳଧାରଣା ଅତିକ୍ରମ କରୁଥିବା ବେଳେ ଯେପରି କୌଣସି ଅଘଟଣ ନଘଟେ ସେଥିପାଇଁ ରେଳ ବିଭାଗ ଓ ବନ ବିଭାଗ ମଧ୍ୟରେ ଉତ୍ତମ ସମନ୍ୱୟ ରକ୍ଷା କରାଯାଇ ରେଳ ଚଳାଚଳକୁ ନିୟନ୍ତ୍ରଣ କରାଯାଇଥାଏ ବୋଲି କହିଥିଲେ । ଅନ୍ୟତମ ଅତିଥି ଭାବେ ଅବସରପ୍ରାପ୍ତ ବନଖଣ୍ଡ ଅଧିକାରୀ ତଥା ବର୍ତ୍ତମାନ ସୁନ୍ଦରଗଡ଼ ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଭଗବାନ ପତି ଯୋଗଦେଇଥିଲେ । ପ୍ରାରମ୍ଭରେ ରାଉରକେଲା ସହକାରୀ ବନ ସଂରକ୍ଷକ ଦିଲ୍ଲୀପ କୁମାର ସାହୁ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ ।

# ଗଏରବାହାଲରେ ସାମାଜିକ ସେବା କାର୍ଯ୍ୟକ୍ରମ

**କୁତ୍ରା, ୬।୧୦ (ଡି.ଏନ.ଏ.)**

ସୁନ୍ଦରଗଡ଼ ଜିଲା କୁତ୍ରା ବ୍ଲକ ଅନ୍ତର୍ଗତ ନୂଆଗାଁ ପଞ୍ଚାୟତର ଗଏରବାହାଲ ସ୍ୱାସ୍ଥ୍ୟକେନ୍ଦ୍ର ଠାରେ ବିଜୁ ଯୁବ ଜନତା ଦଳର ବ୍ଲକ ସଭାପତି ବିନୋଦ ଟପ୍ପୋଙ୍କ ନେତୃତ୍ୱରେ ସାମାଜିକ ସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ମେଡିକାଲ ଏବଂ ବିଭିନ୍ନ ସ୍ଥାନରେ ବିଜୁ ଜନତା ଦଳ ପକ୍ଷରୁ ଅଳିଆ ଆବର୍ଜନା ସଫା କରାଯାଇଥିଲା। କାର୍ଯ୍ୟକ୍ରମରେ ଗଏରବାହାଲ ସ୍ୱାସ୍ଥ୍ୟକେନ୍ଦ୍ର ତରଫରୁ ଫାର୍ମାସିଷ୍ଟ ଏସ.ଏନ. ସାହୁ ଏବଂ ଡା. ସାରଦା ବେହେରା ମାସ୍କ ବଣ୍ଟନ କରିଥିଲେ। ଏଥିରେ ନୂଆଗାଁ ସରପଞ୍ଚ ଜଲଜେସ ଖାଲଖୋ, ନାରୀ ନେତ୍ରୀ ରଜନୀ କୁଲ୍ଲୁ, ମୁଜାର ସିଂ, ଜସେଫ ଖାଲଖୋ, ସ୍ୱାତୀ କିଷ୍ପଟ୍ଟା ପ୍ରମୁଖ ଉପସ୍ଥିତ ରହି ଉକ୍ତ କାର୍ଯ୍ୟକ୍ରମକୁ ସୂଚାରୁ ରୂପେ ସମ୍ପାଦନ କରିଥିଲେ।

# ଡିଏମ୍ଏଫ୍ ପାଣ୍ଠିର ୬୦ ପ୍ରତିଶତ ଖର୍ଚ୍ଚ ଦାବି

**ସୁନ୍ଦରଗଡ଼, ୬।୧୦ (ଡି.ଏନ୍.ଏ.)**

ସୁନ୍ଦରଗଡ଼ ଜିଲା ଆଦିବାସୀ ଅଧ୍ୟୁଷିତ ଓ ଖଣି, ଖାଦାନ ଭରା ଅଞ୍ଚଳ ଥିବାବେଳେ ଜିଲାରେ ଖଣିଜ ପ୍ରତିଷ୍ଠାନ (ଡିଏମ୍ଏଫ୍) ପାଣ୍ଠିରୁ ୬୦ପ୍ରତିଶତ ପ୍ରଭାବିତ ଅଞ୍ଚଳରେ ଖର୍ଚ୍ଚକୁ ସୁନିଶ୍ଚିତ କରିବା ପାଇଁ ପଶ୍ଚିମ ଓଡିଶା ବିକାଶ ପରିଷଦର ଅଧ୍ୟକ୍ଷଙ୍କ ନିକଟରେ ଦାବି ହୋଇଛି। ଏନେଇ ହେମଗିର (କ) ଜିଲା ପରିଷଦ ସଭ୍ୟା ପୁରବୀ ନାଏକ ପଶ୍ଚିମ ଓଡିଶା ବିକାଶ ପରିଷଦ ଅଧ୍ୟକ୍ଷଙ୍କ ନିକଟକୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଏଥିରେ ସେ ଉଲ୍ଲେଖ କରିଛନ୍ତି ଯେ, ଜିଲାର ଖଣି ପ୍ରଭାବିତ ଅଞ୍ଚଳରେ ଡିଏମଏଫ୍‌ର ୬୦ପ୍ରତିଶତ ଖର୍ଚ୍ଚ ହେଉ ନ ଥିବାରୁ ଖଣି ଅଞ୍ଚଳରେ ଶିଶୁମାନେ ଅଇଁଠାପତ୍ର ଚାଟିବା ଓ ଅପପୃଷ୍ଟିରୁ ମୃତ୍ୟୁବରଣ କରିବା ଘଟଣା ସାମ୍ନାକୁ ଆସୁଛି।

ଜିଲାର ହେମଗିର ବ୍ଲକ ମଧ୍ୟ ଖଣି ପ୍ରଭାବିତ ଅଞ୍ଚଳ ହୋଇଥିବା ବେଳେ ଶିକ୍ଷା, ସ୍ୱାସ୍ଥ୍ୟ ଓ ପାନୀୟଜଳ ଆଦି ସୁବିଧାରେ ଅବ୍ୟବସ୍ଥା ଯୋଗୁଁ ଜୀବନଜୀବିକା ଗଭୀର ଭାବେ ପ୍ରଭାବିତ ହେଉଛି। ସ୍ଥାନୀୟ ଅଧିବାସୀମାନେ ସ୍ୱାଭିମାନର ସହ ବଞ୍ଚିବାର ଅଧିକାରରୁ ବଞ୍ଚିତ ହେଉଛନ୍ତି। ଅଞ୍ଚଳର ଅନେକ ଗାଆଁରେ ଆମ୍ବୁଲାନ୍ସ ସେବା ପହଞ୍ଚି ପାରୁନାହିଁ। ବିଲେଇମୁଣ୍ଡା ଡାକ୍ତରଖାନାରେ ଦାବି ସତ୍ତ୍ୱେ ଡିଜିଟାଲ ଏକ୍ସରେ ମେସିନ୍ ସ୍ଥାପନ ନ ହେବା, ଡାକ୍ତରଖାନାଗୁଡିକରେ ବିଶେଷଜ୍ଞ ଡାକ୍ତର ଓ କର୍ମଚାରୀ ଅଭାବ, ବିଦ୍ୟୁତ୍ ବିଭ୍ରାଟ, ଟାୱାର ନ ଥିବା ଯୋଗୁଁ ଅନଲାଇନ ପାଠପଢା ଓ ଜରୁରୀକାଳୀନ ଯୋଗାଯୋଗ ହୋଇ ନ ପାରିବା, ସ୍ଥାନୀୟ ବେକାରୀଙ୍କୁ ଖଣିଖାଦାନରେ ନିଯୁକ୍ତି ନୀତି ନିର୍ଦ୍ଧାରଣ କରାଯାଉ ନଥିବା ଏବଂ ସ୍ଥାନୀୟ ବେକାର ଯୁବତୀ ଯୁବକଙ୍କୁ ମାଗଣାରେ ବୈଷୟିକ ତାଲିମ ପ୍ରଦାନ ବ୍ୟବସ୍ଥା ହେଉ ନ ଥିବା ଯୋଗୁ ସ୍ଥାନୀୟ ଅଞ୍ଚଳବାସୀ ବିକାଶର ମୁଖ୍ୟସ୍ରୋତରେ ସାମିଲ ହୋଇପାରୁନାହିଁ ବୋଲି ଜିଲା ପରିଷଦ ସଭ୍ୟା ଅଭିଯୋଗ କରି ଏସବୁ ସମସ୍ୟାକୁ ଦୃଷ୍ଟିରେ ରଖି ଡିଏମ୍ଏଫ ପାଣ୍ଠିର ଶତକଡା ୬୦ଭାଗ ଖର୍ଚ୍ଚ ସୁନିଶ୍ଚିତ କରି ଯୋଜନା ପ୍ରସ୍ତୁତ କରିବାକୁ ସେ ଅନୁରୋଧ କରିଛନ୍ତି।

# ଉନ୍ନୟନମୂଳକ ପ୍ରକଳ୍ପର ଅଗ୍ରଗତି ସମୀକ୍ଷା

**ସୁନ୍ଦରଗଡ଼, ୬।୧୦(ଡି.ଏନ୍.ଏ)**



ସମୀକ୍ଷା ବୈଠକରେ ଉପସ୍ଥିତ ଅଧିକାରୀ।

ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ପରାମର୍ଶଦାତା ତଥା ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଅଧ୍ୟକ୍ଷ ଅସିତ ତ୍ରିପାଠୀ ସୁନ୍ଦରଗଡ଼ ଜିଲା ଗସ୍ତରେ ଆସି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କ୍ଷେତ୍ରସ୍ତରୀୟ ଅନୁଧ୍ୟାନ କରିଛନ୍ତି। ସୁନ୍ଦରଗଡ଼ରେ ପହଞ୍ଚିବା ପରେ ତ୍ରିପାଠୀ ଫସଲ ବିବିଧକରଣ, ବିଭିନ୍ନ ଅର୍ଥକାରୀ ଫସଲ ଚାଷ, ଅଣୁ ଓ କ୍ଷୁଦ୍ର ଉଦ୍ୟୋଗ ପାଇଁ ସ୍ଥାନୀୟ ଉଦ୍ୟୋଗୀଙ୍କୁ ପ୍ରୋତ୍ସାହନ, ଇସ୍ପାତଜାତ ଦ୍ରବ୍ୟର ପ୍ରକ୍ରିୟାକରଣ ଶିଳ୍ପ, ଉଦ୍ୟାନ କୃଷି, ଗୋ ପାଳନ ସହିତ ଅନ୍ୟ ଜୀବିକା ବିକାଶ ପ୍ରକଳ୍ପକୁ ପ୍ରୋତ୍ସାହନ ଦେବା ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଜିଲାରେ ଅନ୍ୟ କେଉଁ ଶିଳ୍ପର ସମ୍ଭାବନା ରହିଛି ସେ ସମ୍ପର୍କରେ ଅନୁଧ୍ୟାନ କରିବା ପାଇଁ ସେ ଜିଲା ଶିଳ୍ପ ବିକାଶ ସଂସ୍ଥା (ଡିଆଇପିଏ)କୁ ନିର୍ଦ୍ଦେଶ ଦେଇଥିଲେ। ୧୫ ଦିନ ଭିତରେ ଏହି ସଂସ୍ଥା ନିଜ ଅନୁଧ୍ୟାନ ରିପୋର୍ଟ ଦାଖଲ କରିବାକୁ ସେ କହିଥିଲେ। ସେହିପରି ତୈଳବୀଜ ସହିତ ବାଦାମ ଚାଷ ଉପରେ ଅଧିକ ଗୁରୁତ୍ୱ ଦେବାକୁ ବୈଠକରେ ଆଲୋଚନା ହୋଇଥିଲା। ନୂତନ ଶିଳ୍ପାଞ୍ଚଳ ସ୍ଥାପନ ପାଇଁ କୁଆରମୁଣ୍ଡା ଓ ନୂଆଗାଁ ବ୍ଲକର ଦେଓ ନଦୀ ଅବବାହିକାରେ ଆବଶ୍ୟକ ଜମି ଚିହ୍ନଟ ପାଇଁ ସେ ନିର୍ଦ୍ଦେଶ ଦେଇଥିଲେ। କ୍ଷୀର ସଂଗ୍ରହ ରୁଟରେ ସୁନ୍ଦରଗଡ଼ ଜିଲାର କିଛି ଅଞ୍ଚଳକୁ ସାମିଲ କରିବା ବିଷୟ ଏହି ବୈଠକରେ ଆଲୋଚନା ହୋଇଥିଲା। ସମୀକ୍ଷା ପରେ ତ୍ରିପାଠୀ ସୁନ୍ଦରଗଡ଼ଠାରେ ନିର୍ମାଣାଧୀନ ଭବାନୀ ଭବନ ଷ୍ଟାଡିୟମ ପରିଦର୍ଶନ କରିଥିଲେ। ଏଥିସହ ସେ ଟାଙ୍ଗରପାଲି ବ୍ଲକ ଗସ୍ତ କରି ଚାଷୀମାନେ କରିଥିବା କଦଳୀ ଚାଷ ଓ ମାଛ ଚାଷ ସ୍ଥାନ ଆଦି ବୁଲି ଦେଖିଥିଲେ। ଉଜ୍ଜଳପୁର ନିୟନ୍ତ୍ରିତ ବଜାର ସମିତି ଅଧୀନରେ ନିର୍ମିତ ୧ ହଜାର ମେଟ୍ରିକ୍ ଟନ୍ କ୍ଷମତା ବିଶିଷ୍ଟ ଗୋଦାମ ଘର, ରଙ୍ଗିଆମୁଣ୍ଡାଠାରେ ଓଡ଼ିଶା ଜ୍ଞାନ ନିଗମ ଅଧୀନରେ ଚାଲିଥିବା ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଅନୁଧ୍ୟାନ, ବନ୍ଧପାଲିସ୍ଥିତ ମା'ଗୃହ ପରିଦର୍ଶନ କରିଥିଲେ। ଜିଲାପାଳ ନିଖିଳ ପବନ କଲ୍ୟାଣ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଭୈରବ ସିଂ ପଟେଲ, ସିଡିଏମଓ ଡାକ୍ତର ସରୋଜ କୁମାର ମିଶ୍ରଙ୍କ ସହ ଜିଲାର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ମା' ସମଲେଶ୍ୱରୀ କପ୍' ଫୁଟବଲ : ଡିମିରିପୋଷି ଚାମ୍ପିୟନ

**ଦେବଗଡ଼, ୬।୧୦(ଡି.ଏନ.ଏ)**

ତିଲେଇବଣି ବ୍ଲକ ଝାରମୁଣ୍ଡା ଗ୍ରାମ ପଞ୍ଚାୟତ ଡେଙ୍ଗୁରଜୋର ଗ୍ରାମରେ ମା' ସମଲେଶ୍ୱରୀ କ୍ଲବ ଆନୁକୂଲ୍ୟରେ ଶୁକ୍ରବାରଠାରୁ ଆରମ୍ଭ ହୋଇଥିବା 'ମା'ସମଲେଶ୍ୱରୀ କପ୍' ଫୁଟବଲ ପ୍ରତିଯୋଗିତା ବୁଧବାର ଉଦ୍‌ଯାପିତ ହୋଇଯାଇଛି। ପ୍ରତିଯୋଗିତାର ଫାଇନାଲ ମ୍ୟାଚରେ ଡେଙ୍ଗୁରଜୋର ଫୁଟବଲ ଦଳକୁ ପରାସ୍ତ କରି ଡିମିରିପୋଷି ଫୁଟବବଲ ଦଳ ଚାମ୍ପିୟନ ହୋଇଛି। ଫାଇନାଲ ମ୍ୟାଚକୁ ରେଫରୀ ଭାବେ ପ୍ରଦୀପ କୁମାର ନାୟକ, ଦୀପକ କୁମାର ଓ ଚେରେଙ୍ଗା କିଷାନ ପରିଚାଳନା କରିଥିଲେ। ଅପରାହ୍ନରେ ଝାରମୁଣ୍ଡା ଗ୍ରାମ ପଞ୍ଚାୟତର ସରପଞ୍ଚ ସଂଯୁକ୍ତା ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଯାପନୀ ତଥା ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଦେବଗଡ ଜିଲା ପରିଷଦ ଅଧ୍ୟକ୍ଷା ସୁଧାମୟୀ ପଟେଲ,ସମ୍ମାନିତ ଅତିଥି ଭାବେ ତିଲେଇବଣି ବ୍ଲକ ଅଧ୍ୟକ୍ଷା ସୁବାସିନୀ ଦେହୁରୀ, ଜିଲା ପରିଷଦ ସଦସ୍ୟା ବୃନ୍ଦାବତୀ ଭୋଇ, ପୂର୍ବତନ ଜିଲାପରିଷଦ ଅଧ୍ୟକ୍ଷ ରଞ୍ଜିତ ପଟେଲ, ସମ୍ବଲପୁର ସାଂସଦଙ୍କ ଦେବଗଡ଼ ଜିଲା ନୋମିନୀ ଯୋଗେଶ ପ୍ରଧାନ, ବରିଷ୍ଠ ଭାଜପା ନେତା ଧରଣୀଧର ସାହୁ ଓ ବିଭୂତି ପଟେଲ, ବୁରୁ ପ୍ରଧାନ ଓ ଭିକାରୀ ଭୋଇ ପ୍ରମୁଖ ଯୋଗଦେଇ ଚାମ୍ପିୟନ ଡିମିରିପୋଷି ଫୁଟବଲ ଦଳ ଓ ରନର୍ସ ଅପ୍ ଡେଙ୍ଗୁରଜୋର ଫୁଟବଲ ଦଳକୁ ଖାସି ଓ ବୋଦା ପୁରସ୍କାର ପ୍ରଦାନ କରିଥିଲେ। ପ୍ରତିଯୋଗିତା ଆୟୋଜନରେ ମା' ସମଲେଶ୍ୱରୀ କ୍ଲବର ଚେରେଙ୍ଗା କିଷାନ, ଋଷି କିଷାନ, ଜଗନ୍ନାଥ କିଷାନ, ପିତାମ୍ବର କିଷାନ, ପ୍ରଦୀପ କିଷାନ, କ୍ଷମାନିଧି କିଷାନ, ବିନୋଦ କିଷାନ, ଫକିର କିଷାନ ଓ ସୁନୀଲ କିଷାନ ପ୍ରମୁଖ ସହଯୋଗ କରିଥିଲେ।



ଫୁଟବଲ ପ୍ରତିଯୋଗିତା ଉଦ୍‌ଯାପନୀରେ ଅତିଥିଙ୍କ ସହ ଖେଳାଳି।

## ସଂକ୍ଷେପରେ

### ଜରକାପଡ଼ା ଟିମ୍ ବିଜୟୀ

**ମଚାମରା ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ**

**ବଡ଼ଗାଁ, ୬।୧୦ (ଡି.ଏନ୍.ଏ.):** ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ଅନ୍ତର୍ଗତ ମଚାମରା ଗ୍ରାମରେ ସ୍ଥାନୀୟ ଗୋପବନ୍ଧୁ ଯୁବକ ସଂଘ ପକ୍ଷରୁ ଆୟୋଜିତ ପଞ୍ଚଦିବସୀୟ ଫୁଟବଲ୍ ଟୁର୍ନାମେଣ୍ଟ ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ୪୪ ଟିମ୍ ଅଂଶଗ୍ରହଣ କରିଥିବା ଏହି ଟୁର୍ନାମେଣ୍ଟର ଉଦ୍‌ଘାଟନୀ ମ୍ୟାଚ୍ ଜରକାପଡ଼ା ଓ କିଞ୍ଜିରକେଲା ମଧ୍ୟରେ ହୋଇଥିଲା। ଏଥିରେ ଜରକାପଡ଼ା ୧-୦ ଗୋଲ୍‌ରେ ବିଜୟୀ ହୋଇଛି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ପଞ୍ଚାୟତର ୱାର୍ଡମେମ୍ବର ଟିକାନନ୍ଦ ଜୟପୁରିଆ, ସରୋଜ ଆଇନ୍ଦ, ବିଜୟ ବେହେରା, ରମେଶ ନାଏକ, ନେଲସନ ସୋରେଙ୍ଗ, ରବୀନ୍ଦ୍ର ସାହୁ, ରଜତ ପଟେଲ, ଦେବେନ୍ଦ୍ର ବିଶ୍ୱାଳ ଅତିଥି ଭାବେ ଯୋଗଦେଇ ଟୁର୍ନାମେଣ୍ଟ ଉଦ୍‌ଘାଟନ କରିଥିଲେ। ଦେବେନ୍ଦ୍ର କିଷାନ, ଡିଲେଶ୍ୱର, ନିତ୍ୟାନନ୍ଦ ମେହେର ଓ ଭକ୍ତି ମୁଣ୍ଡା ଖେଳ ପରିଚାଳନା କରିଥିଲେ। ଯୁବକ ସଂଘର କର୍ମକର୍ତ୍ତା ଦିବ୍ୟଲୋଚନ ସା, ସରପଞ୍ଚ ବିକ୍ରମ ଟପ୍ପୋ, ଉଦୟ କିଷାନ, ରୋମାଞ୍ଚ ସୁନାନୀ, ବିକି ସୁନାନୀ, ଚିନ୍ମୟ କିଷାନ ପ୍ରମୁଖ ଯୁବକମାନେ ବିଭିନ୍ନ କାର୍ଯ୍ୟ ତୁଲାଉଛନ୍ତି।

### ଆୟୁଷ ଡାକ୍ତର କର୍ତ୍ତବ୍ୟରେ ରହି ଅସହଯୋଗ ଆନ୍ଦୋଳନ



**କୁତ୍ରା, ୬।୧୦(ଡି.ଏନ.ଏ):** ସୁନ୍ଦରଗଡ଼ ଜିଲା କୁତ୍ରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ କାର୍ଯ୍ୟରତ ଆୟୁଷ ଡାକ୍ତର ବିଭୂତି ଭୂଷଣ ପଟ୍ଟନାୟକଙ୍କ ନେତୃତ୍ୱରେ କୁତ୍ରା ବ୍ଲକ ଅନ୍ତର୍ଗତ ଗଏରବାହାଲ ଓ ପୁରକାପାଲି ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରତ ଆୟୁଷ ଡାକ୍ତରମାନେ ଆନ୍ଦୋଳନ ଆରମ୍ଭ କରିଛନ୍ତି। ରାଜ୍ୟ ସରକାରଙ୍କ ଦ୍ୱାରା ଆୟୁଷ ଡାକ୍ତରମାନଙ୍କ ପ୍ରତି ଅବହେଳା କରୁଥିବା ନେଇ ଏହାକୁ ପ୍ରତିବାଦ କରି ସଂଘର ନିଷ୍ପତ୍ତି କ୍ରମେ ଅସହଯୋଗ ଆନ୍ଦୋଳନ ଆରମ୍ଭ କରିଛନ୍ତି। କର୍ତ୍ତବ୍ୟରେ ରହି ତାଙ୍କର ସ୍ଥାୟୀ ନିଯୁକ୍ତି ଦାବିକୁ ନେଇ ଅନିର୍ଦ୍ଦିଷ୍ଟ କାଳ ପାଇଁ ଅସହଯୋଗ ଆନ୍ଦୋଳନ କରୁଛନ୍ତି। ଆୟୁଷ ଡାକ୍ତରମାନେ ଦୀର୍ଘ ୧୪ ବର୍ଷ ହେଲା ନିରନ୍ତର ଭାବରେ ସେମାନଙ୍କ କାର୍ଯ୍ୟ ତୁଲାଇବା ସହ ରୋଗୀସେବା କରି ଆସୁଛନ୍ତି। ହେଲେ ଏପର୍ଯ୍ୟନ୍ତ ସରକାର ସେମାନଙ୍କ ପ୍ରତି ଅବହେଳା କରିଛନ୍ତି। ସ୍ଥାୟୀ ନିଯୁକ୍ତି ଦେଇନାହାନ୍ତି। ଆୟୁଷ ଡାକ୍ତର ସଂଘ ପକ୍ଷରୁ ବାରମ୍ବାର ଦାବି ସତ୍ତ୍ୱେ ସରକାର କେବଳ ପ୍ରତିଶ୍ରୁତି ଦେଇ ଚାଲିଥିବାର ଅଭିଯୋଗ ଆଣିଛନ୍ତି।

### ବାଇକ୍ ଲୁଟେରା ଗ୍ୟାଙ୍ଗର ୩ ଗିରଫ

**ରାଉରକେଲା ଅଫିସ, ୬।୧୦:** ପ୍ଲାଣ୍ଟସାଇଟ୍ ପୋଲିସ ଏକ ବାଇକ ଲୁଟେରା ଗ୍ୟାଙ୍ଗର ୩ ଜଣଙ୍କୁ ଧରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ରାଜଗାଙ୍ଗପୁର ଅଞ୍ଚଳର ରୋହିତ ବେହେରା (୨୨), ଆସରଫ ଅନସାରୀ(୨୩) ଓ ସେକ୍ ଅଞ୍ଜର ଅଲ୍ଲୀ(୨୨)। ପୋଲିସ କହିବା ଅନୁଯାୟୀ ରାଉରକେଲା ସହରରେ ଥିବା ନୟାବଜାର ଓ ନୂଆ ବସଷ୍ଟାଣ୍ଡ ଓ ବିଭିନ୍ନ ଜନଗହଳି ସ୍ଥାନରୁ ଏହି ବାଇକ ଲୁଟେରା ଦଳ ବାଇକ୍ ଚୋରି କରି ଫେରାର ହୋଇଯାଉଥିଲେ। ଏହି ବାଇକକୁ ନେଇ ରାଉରକେଲା ପାଖ ଅଞ୍ଚଳରେ ଥିବା ବିଭିନ୍ନ ଗ୍ୟାରଜରେ କମ୍ ଦାମରେ ବିକ୍ରିକରି ଦେଉଥିଲେ। ଏନେଇ ବିଭିନ୍ନ ଥାନାରେ ଅଭିଯୋଗ ହେବା ପରେ ପୋଲିସ ଉକ୍ତ ଘଟଣାର ତଦନ୍ତ କରି ୩ ଜଣ ଅଭିଯୁକ୍ତଙ୍କୁ ରାଜଗାଙ୍ଗପୁର ଅଞ୍ଚଳରୁ ଗିରଫ କରିଛି। ସେମାନଙ୍କ ଠାରୁ ପୋଲିସ ୬ଟି ବାଇକ ଜବତ କରିଛି। ରୋହିତ, ଆସରଫ ଓ ଅଞ୍ଜରଙ୍କ ନାମରେ ଏକାଧିକ ଥାନାରେ ପୂର୍ବରୁ ବାଇକ୍ ଚୋରି ଅଭିଯୋଗ ରହିଥିବା ପୋଲିସ ପକ୍ଷରୁ ସୂଚନା ମିଳିଛି।

### ରକ୍ତଦାନ ଶିବିର, ୨୪ ୟୁନିଟ୍ ସଂଗ୍ରହ

**ବଡ଼ଗାଁ, ୬।୧୦(ଡି.ଏନ୍.ଏ.):** ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ବିଜେଡି ପକ୍ଷରୁ ବୁଧବାର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। ଜିଲା ବିଜେଡି ସଭାପତି ବିନୟ ଟପ୍ପୋ, କାର୍ଯ୍ୟକାରୀ ସଭାପତି ବୈକୁଣ୍ଠ ନାଏକ, ବ୍ଲକ ସଭାପତି ଦେବାଶିଷ ମିଶ୍ର, ଜିଲା ସମ୍ପାଦକ ଅରୁଣ ଦିକ୍ଷୀତ, ସାଧାରଣ ସମ୍ପାଦକ ସରୋଜ ସାହୁ, ଅତିଥି ଭାବେ ଯୋଗଦେଇ ଶିବିର ଉଦ୍‌ଘାଟନ କରିଥିଲେ। ଦେବାଶିଷ ପୁରୋହିତ, ସାଗର ବିଶ୍ୱାଳ, ବିରେନ୍ଦ୍ର ରାଉତରାୟ, ଭୋଳାନାଥ ଦାସ, ସତ୍ୟପ୍ରକାଶ ଦାସ ପ୍ରମୁଖ ବରିଷ୍ଠ କର୍ମୀମାନେ ଉପସ୍ଥିତ ଥିଲେ। ଶିବିରରେ ୨୪ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା।

## ଅଯୋଧା ସରୋବର ଘାଟରେ ସାମୂହିକ ତିଳ ତର୍ପଣ

ସମ୍ବଲପୁର,(ବ୍ୟୁରୋ): ଜିଲା ବ୍ରାହ୍ମଣ ସମାଜ ପକ୍ଷରୁ ସାମୂହିକ ତିଳ ତର୍ପଣ କାର୍ଯ୍ୟକ୍ରମ ବୁଧବାର ସମ୍ବଲପୁର ମହାନଦୀ ଅଯୋଧା ସରୋବର ଘାଟରେ ଅନୁଷ୍ଠିତ ହୋଇଯାଇଛି । ରୀତିନୀତି ଓ ପରମ୍ପରାନୁସାରେ ତିଳ ତର୍ପଣ ହୋଇଥିଲା ପଣ୍ଡିତ ଡ.ସଚ୍ଚିଦାନନ୍ଦ ମିଶ୍ର ପୂଜାର୍ଚ୍ଚନା କରିଥିଲେ । ସହରର ବିଭିନ୍ନ ଅଞ୍ଚଳରୁ ମହିଳା ପୁରୁଷମାନେ ସାମିଲ ହୋଇଥିଲେ । ଜିଲା ବ୍ରାହ୍ମଣ ସମାଜ ସାଧାରଣ ସଂପାଦକ ଶଶୀଭୂଷଣ ତ୍ରିପାଠୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଶ୍ରୀ ଶ୍ରୀ ବ୍ରହ୍ମ ପଣ୍ଡିତ ମହାସଭାର ପଣ୍ଡିତ ଚନ୍ଦ୍ରକାନ୍ତ ପାଣିଗ୍ରାହୀ ସହଯୋଗ କରିଥିଲେ । ସେହିପରି କୁଲୁଥକାନୀ କଙ୍କେଶ୍ୱର ଶିବ ମନ୍ଦିର ଘାଟରେ ମଧ ସାମୂହିକ ତିଳ ତର୍ପଣ ହୋଇଥିଲା । ଟ୍ରଷ୍ଟ ବୋର୍ଡ ସଭାପତି ଅରବିନ୍ଦ ନାୟକ ପରିଚାଳନା କରିଥିଲେ ।

# ବାବୁଙ୍କ ଗୃହରେ ନିୟୋଜିତ ଗୃହରକ୍ଷୀ

ସମ୍ବଲପୁର,୬ା୧୦(ବ୍ୟୁରୋ)

■ କମାଣ୍ଡ ଗୋଟିଏ, କାର୍ଯ୍ୟସ୍ଥଳ ଭିନ୍ନ

■ ଶୋଷିତ ହୋଇ ମୁହଁ ଖୋଲିପାରୁ ନାହାନ୍ତି

ପୋଲିସ ବ୍ୟବସ୍ଥାରେ ଗୃହରକ୍ଷୀ(ହୋମଗାର୍ଡ)ଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ଆଇନଶୃଙ୍ଖଳା ପରିସ୍ଥିତି, ପର୍ବପର୍ବାଣି, ଯାନିଯାତ୍ରା, ଟ୍ରାଫିକ୍ ଆଦି କାର୍ଯ୍ୟରେ ଏମାନେ ନିୟୋଜିତ ରହୁଛନ୍ତି। ସରକାରୀ ସୁବିଧା ସୁଯୋଗ ପାଉଥିବା ପୋଲିସ ଅଧିକାରୀ ଓ କର୍ମଚାରୀଙ୍କ ଭଳି ଗୃହରକ୍ଷୀମାନେ ନିଷ୍ଠାର ସହ କାମ କରୁଛନ୍ତି। ହେଲେ ଅଧିକାରୀଙ୍କ ଭଳି ସରକାରୀ ସୁବିଧା ମିଳିପାରୁନାହିଁ। ସରକାରୀ ନିୟମ ବାହାରେ ମଧ କାମ କରୁଛନ୍ତି। ଉଚ୍ଚପଦସ୍ଥ ଅଧିକାରୀ, ଥାନା ଅଧିକାରୀଙ୍କ ଗୃହରେ ଗୃହରକ୍ଷୀଙ୍କୁ ନିୟୋଜିତ କରାଯାଉଛି। ସେମାନଙ୍କୁ ଘରେ ଓ ବଗିଚାରେ କାମ କରାଇବା ସହ ପରିବା କିଣିବା, ପିଲାଙ୍କୁ ସ୍କୁଲ ନେବାଆଣିବା ଭଳି ବ୍ୟକ୍ତିଗତ କାମରେ ମଧ ଲଗାଯାଇ ଚାପ ଦିଆଯାଉଛି। କର୍ମଚାରୀ ଅଭାବ କହି ସେମାନଙ୍କୁ ୮ ଘଣ୍ଟାରୁ ଅଧିକ ସମୟ କାମ କରିବାକୁ ବାଧ କରାଯାଉଛି। ମନରେ ଅସନ୍ତୋଷ ଓ ବଡ଼ବାବୁଙ୍କଠାରୁ ଶୋଷିତ ହେଉଥିଲେ ମଧ ସେମାନେ ମୁହଁ ଖୋଲିପାରୁ ନାହାନ୍ତି। ଜୀବନ ବିପଦରେ ରହୁଥିଲେ ବି ସରକାରୀ ସୁବିଧା ମିଳୁ ନ ଥିବା ଜଣେ ହୋମଗାର୍ଡ କହିଛନ୍ତି। ସେ ଆହୁରି କହିଥିଲେ, ଡ୍ୟୁଟି ସମୟ, କାମର ଚାପ, ଦରମା ଭଳି ଅନେକ ପ୍ରସଙ୍ଗ ଉପରେ ଦାବି ହୋଇଆସୁଛି। ୨ବର୍ଷ ତଳେ ଦରମା ବୃଦ୍ଧି ଦାବିକୁ ସରକାର ମାନିନେଇ ଘୋଷଣା କରିଥିଲେ। ହେଲେ ଲାଗୁ କରାଗଲା ନାହିଁ। ଦିନକୁ ୩ ଶହ ଟଙ୍କା ମିଳିଥାଏ। କୌଣସି ଦିନ ଛୁଟିରେ ରହିଲେ ଦରମା କଟିଯାଇଥାଏ। ଶ୍ରମିକଙ୍କ ଭଳି ଆମକୁ ଟଙ୍କା ଦିଆଯାଉଛି। ହେଲେ ସରକାରୀ ସୁବିଧା ପାଉଥିବା ଜଣେ କର୍ମଚାରୀଙ୍କ ଭଳି କାମ ଆଦାୟ କରାଯାଉଛି ବୋଲି ଅଭିଯୋଗ କରିଥିଲେ।

ସମ୍ବଲପୁର ଜିଲାରେ ମୋଟ ୫୮୪ ଜଣ ହୋମଗାର୍ଡ କାର୍ଯ୍ୟରତ ଅଛନ୍ତି। ସେମାନଙ୍କୁ ବିଭିନ୍ନ ଥାନାରେ ନିୟୋଜିତ କରାଯାଇଛି। ଥାନାରେ ସେମାନଙ୍କୁ କମାଣ୍ଡ ସାର୍ଟିଫିକେଟ ଦେଇ ବିଭିନ୍ନ ସ୍ଥାନରେ କାମରେ ଲଗାଯାଇଥାଏ। ଅନେକ କ୍ଷେତ୍ରରେ ଥାନାରେ ଟ୍ରାଫିକ୍ ପୋଷ୍ଟ କିମ୍ବା କୌଣସି ବଜାର ଓ ଛକରେ କାର୍ଯ୍ୟ କରିବାକୁ କମାଣ୍ଡ ସାର୍ଟିଫିକେଟ ଦିଆଯାଇଥାଏ। ହେଲେ ସେମାନେ ବାସ୍ତବରେ ଥାନାବାବୁ ଓ ଅନ୍ୟ ପଦାଧିକାରୀଙ୍କ ଘରେ ବ୍ୟକ୍ତିଗତ କାମରେ ନିୟୋଜିତ ରହିଥାନ୍ତି। ଦରମା ଓ ସିସିଆର ଥାନାବାବୁଙ୍କ ହାତରେ ରହିଥାଏ। ତେଣୁ ସେମାନେ କିଛି କହିପାରନ୍ତି ନାହିଁ। ଉଚ୍ଚପଦସ୍ଥ ଅଧିକାରୀଙ୍କ ଘରେ କାମ କରୁଥିବାରୁ ସେମାନେ କାହାକୁ ଅଭିଯୋଗ କରିବେ ବୋଲି ଚର୍ଚ୍ଚା ହେଉଛି। କିଛିଦିନ ତଳେ ସହରର ଜଣେ ଥାନା ଅଧିକାରୀଙ୍କ ସହିତ ଗୃହରକ୍ଷୀମାନେ ବଜାରରେ ପରିବା କିଣୁଥିବା ଫଟୋ ଭାଇରାଲ ହୋଇଥିଲା। ଏଥିରେ ଗାଡିକୁ ପରିବା ଆଣିବା ପର୍ଯ୍ୟନ୍ତ ବ୍ୟାଗ୍ ବୋହି ନେଇ ଯାଉଥିବା ଦେଖାଯାଇଥିଲା। ଏ ସମ୍ପର୍କରେ ଏସ୍‌ପି ବାତୁଲା ଗଙ୍ଗାଧର କହିଛନ୍ତି, ଗୃହରକ୍ଷୀମାନେ ପୋଲିସ ବ୍ୟବସ୍ଥାର ମେରୁଦଣ୍ଡ। ଜନସାଧାରଣଙ୍କ ସେବା କରିବା ତାଙ୍କର କର୍ତ୍ତବ୍ୟ। ସେମାନେ କୌଣସି ଘରୋଇ କାମରେ ନିୟୋଜିତ ହୋଇପାରିବେ ନାହିଁ। ଯେଉଁମାନେ ଏଭଳି କାମ କରୁଛନ୍ତି ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଜିଲାରେ ହୋମଗାର୍ଡ ପଦବୀ ଖାଲି ପଡିଛି। କୋଭିଡ୍ ପାଇଁ ନିଯୁକ୍ତି ହୋଇ ପାରୁନାହିଁ। ସରକାରଙ୍କ ପରବର୍ତ୍ତୀ ନିର୍ଦ୍ଦେଶ କ୍ରମେ ପଦକ୍ଷେପ ଗ୍ରହଣ କରାଯିବ।



ସମ୍ବଲପୁର ବଜାରରୁ ଜଣେ ଅଧିକାରୀଙ୍କ ସହ ହୋମଗାର୍ଡ ପରିବା ଧରି ଯାଉଛନ୍ତି।

## ସଂକ୍ଷେପରେ

### କୋଇଲା ପଠାଇବାରେ ଏମ୍‌ସିଏଲ୍‌ର ରେକର୍ଡ

ସମ୍ବଲପୁର,୬ା୧୦(ବ୍ୟୁରୋ): ମହାନଦୀ କୋଲଫିଲ୍ଡ ଲିମିଟେଡ (ଏମ୍‌ସିଏଲ୍) କୋଇଲା ପଠାଇବାରେ ରେକର୍ଡ ସୃଷ୍ଟି କରିଛି। କମ୍ପାନୀ ଦିନକରେ ୫.୪୫ ଲକ୍ଷ ଟନ୍ କୋଇଲା ପ୍ରେରଣ କରିଛି। ଏହା ଅନୁଗୋଳ, ଝାରସୁଗୁଡ଼ା ଓ ସୁନ୍ଦରଗଡ଼ରେ ଥିବା ତାଳଚେର ଏବଂ ଇବ୍‌ଭେଲି କୋଇଲା ଖଣିରୁ ରେଳ ଓ ସଡକ ପଥରେ ବିଭିନ୍ନ ସ୍ଥାନକୁ ପଠାଯାଇଛି। ଏଥିରୁ ୨.୬୬ ଲକ୍ଷ ଟନ୍ ରେଳ ଯୋଗେ ଓ ୧.୪୪ ଲକ୍ଷ ଟନ୍ ସଡକ ପଥରେ ଓ ୦.୩୪ ଲକ୍ଷ ଟନ୍ ଏମ୍‌ଜିଆର୍ ମୋଡ୍‌ରେ ପ୍ରେରିତ ହୋଇଛି। ଏହି କୋଇଲା ମଧରୁ ୭୬.୧ ପ୍ରତିଶତ ଅର୍ଥାତ୍ ୪.୧୫ ଲକ୍ଷ ଟନ୍ ଶକ୍ତି କ୍ଷେତ୍ରକୁ ପ୍ରେରଣ କରାଯାଇଛି । ଏହି ଉପଲବ୍ଧି ସକାଶେ ଏମ୍‌ସିଏଲ୍ ଅଧକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ପି.କେ. ସିହ୍ନା ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ପ୍ରଶଂସା କରିଛନ୍ତି।

### ନେହେରୁ ଉଦ୍ୟାନରେ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ

ସମ୍ବଲପୁର,୬ା୧୦(ବ୍ୟୁରୋ): ନେହେରୁ ଯୁବକେନ୍ଦ୍ର ଓ ହିଣ୍ଡାଲ୍‌କୋ କମ୍ପାନୀ ମିଳିତ ଆନୁକୂଲ୍ୟରେ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ ମଙ୍ଗଳବାର ହୀରାକୁଦ ନେହେରୁ ଉଦ୍ୟାନଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ହିଣ୍ଡାଲ୍‌କୋ ଜେନେରାଲ ମ୍ୟାନେଜର କୃଷ୍ଣ କୁମାର ପାଣ୍ଡେ, ସୁକାନ୍ତ କୁମାର ମହାପାତ୍ର, ସରୋଜ ଆଚାର୍ଯ୍ୟ, ସନ୍ତୋଷ ତ୍ରିପାଠୀ, ଜୟଶ୍ରୀ ରାଓ ପ୍ରମୁଖ ସାମିଲ ଥିଲେ। ନେହେରୁ ଯୁବକେନ୍ଦ୍ର ଜିଲା ଯୁବ ଅଧିକାରୀ ମାରିୟାନୁସ ବିଲୁଙ୍ଗଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିଲା। ନେହେରୁ ଯୁବକେନ୍ଦ୍ର ସଭ୍ୟାସଭ୍ୟ ଓ ଉଦ୍ୟାନ କର୍ମଚାରୀ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମ ଅକ୍ଟୋବର ୩୧ ତାରିଖରେ ଶେଷ ହେବ।

### ତାପଜ ବିଦ୍ୟୁତ୍ କେନ୍ଦ୍ରରେ ଦୁର୍ଘଟଣା: ଶ୍ରମିକ ମୃତ

ଝାରସୁଗୁଡ଼ା ଅଫିସ,୬ା୧୦: ଝାରସୁଗୁଡା ବଡମାଲସ୍ଥିତ ଏସ୍‌ଏମ୍‌ସି ପାୱାର ଜେନେରେଶନ ଲିମିଟେଡ୍‌ରେ ବୁଧବାର ଦୁର୍ଘଟଣା ଘଟି ଜଣେ ଶ୍ରମିକଙ୍କ ମୃତ୍ୟୁ ହୋଇଛି। ସେ ହେଲେ ଝାଡଖଣ୍ଡ ପଶ୍ଚିମ ସିଂହଭୂମି ବାରାକୋଟା ଗ୍ରାମର ବନମାଳୀ ବୋଇପୋଇ (୨୦)। ପୋଲିସ ମୃତଦେହ ବ୍ୟବଚ୍ଛେଦ ପରେ ନିଜ ଗ୍ରାମ ଝାଡଖଣ୍ଡକୁ ପଠାଇ ଦେଇଛି। ଏ ନେଇ ବଡମାଲ ଥାନାରେ ଏକ ମାମଲା (ନଂ୧୮୨/୨୧) ରୁଜୁ ହୋଇଛି। ପୋଲିସ କମ୍ପାନୀରେ କାର୍ଯ୍ୟରତ ଠିକାସଂସ୍ଥାର ୨ କର୍ମଚାରୀଙ୍କୁ ଥାନାରେ ଅଟକ ରଖିଛି। ଖବରପାଇ ପ୍ରକଳ୍ପରେ କାର୍ଯ୍ୟରତ ଶ୍ରମିକ କ୍ଷତିପୂରଣ ଦାବିକରିଥିଲେ। ଆଲୋଚନା ପରେ କମ୍ପାନୀ କର୍ତ୍ତୃପକ୍ଷ ମୃତକଙ୍କ ପରିବାରକୁ କ୍ଷତିପୂରଣ ବାବଦକୁ ୧୦ଲକ୍ଷ ଟଙ୍କା ଓ ଅନ୍ତିମ ସଂସ୍କାର ପାଇଁ ଅତିରିକ୍ତ ୧ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିଲା। ସୂଚନାଯୋଗ୍ୟ କମ୍ପାନୀର ୨ନଂ ୟୁନିଟ୍‌ର ଟିଏମ୍‌ଟି ରୋଲିଂମିଲ୍ ଡିଭିଜନରେ ବନମାଳୀ ହେଲ୍‌ପର ଭାବେ କାର୍ଯ୍ୟ କରୁଥିଲେ। ପ୍ରକଳ୍ପ ଭିତରେ ଏକ କ୍ରେନ୍ ସାହାଯ୍ୟରେ ଆଇରନ୍ ରଡ୍ ଉଠାଯାଉଥିବାବେଳେ ଚେନ୍ ଛିଡି ତଳେ ଥିବା ହେଲ୍‌ପର୍ ବନମାଳୀ ଉପରେ ପଡିଥିଲା। ଏଥିରେ ଗୁରୁତର ଅବସ୍ଥାରେ ତାଙ୍କୁ ଏକ ଘରୋଇ ହସ୍ପିଟାଲ୍ ଓ ପରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ।

# ମହାଳୟାରେ ଧବଳମୁଖୀ ସମଲେଇ

ସମ୍ବଲପୁର,୬ା୧୦(ବ୍ୟୁରୋ)

ଗଙ୍ଗା ଦର୍ଶନ ଲାଭ କଲେ ଶ୍ରଦ୍ଧାଳୁ



ବୁଧବାର ପବିତ୍ର ମହାଳୟାରେ ଇଷ୍ଟଦେବୀ ସମଲେଇ ଧବଳମୁଖୀ ବେଶରେ ଦର୍ଶନ ଦେଇଥିଲେ। ଏହି ବେଶରେ ମା'ଙ୍କୁ ଦର୍ଶନ କଲେ ଶ୍ରଦ୍ଧାଳୁମାନେ ଗଙ୍ଗା ଦର୍ଶନର ଲାଭ ପାଆନ୍ତି ବୋଲି ବିଶ୍ୱାସ ରହିଛି। ବର୍ଷତମାମ ସମଲେଇଙ୍କ ଲାଲ ରଙ୍ଗରେ ଦର୍ଶନ ଦିଅନ୍ତି। ହେଲେ ବର୍ଷକରେ ଥରେ ମହାଳୟା ଦିନଠାରୁ ଅଢେଇ ଦିନ ପର୍ଯ୍ୟନ୍ତ ଧବଳମୁଖୀ ବେଶ ହୋଇଥାଏ। ବୁଧବାର ସକାଳ ୬ଟାରୁ ଧବଳମୁଖୀ ବେଶର ଦର୍ଶନ ଆରମ୍ଭ ହୋଇଥିଲା। ମଧ୍ୟାହ୍ନ ୧୨ଟାରେ ମା'ଙ୍କ ପାଖରେ ଭୋଗ ଲାଗି ପାଇଁ ଦର୍ଶନ ବନ୍ଦ ରହିଥିଲା। ପରେ ସନ୍ଧ୍ୟା ପର୍ଯ୍ୟନ୍ତ ପୁଣି ଦର୍ଶନ ଲାଗି ରହିଥିଲା। ସେହିପରି ନବରାତ୍ରୀ ଦର୍ଶନ ମଧ କରାଯାଇଛି। ମଙ୍ଗଳବାର ରାତ୍ର ୧୨ଟାରେ ପୂଜକମାନେ ଧବଳମୁଖୀ ବେଶ ପାଇଁ ପ୍ରସ୍ତୁତି ଆରମ୍ଭ କରିଥିଲେ। ପୂଜକମାନେ ମହାନଦୀ ସମଲେଇ ଘାଟରେ ସ୍ନାନ କରି ପିତ୍ତଳ ପାତ୍ର (ଗରିଆ)ରେ ପାଣି ଆଣି ଦେବୀଙ୍କୁ ସ୍ନାନ କରିଥିଲେ। ସମ୍ବଲପୁରୀ ଶ୍ୱେତ ପାଟବସ୍ତ୍ର ଦେବୀଙ୍କୁ ପରିଧାନ କରାଯିବା ପରେ ପ୍ରାତଃ ୪ଟାରେ ମହାଆଳତି ସହ ଭୁବନେଶ୍ୱରୀଙ୍କ ବୀଜମନ୍ତ୍ରରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରି ମୁଗ ଓ ଗୁଡରେ ପ୍ରସ୍ତୁତ (ମୁଗବରା) ଭୋଗ ଲାଗିଥିଲା। ସକାଳ ୪ଟା ୪୫ ମିନିଟରୁ ଭକ୍ତଙ୍କ ଦର୍ଶନ ଲାଗି ରହିଥିଲା। ସମଲେଇଙ୍କ ସମେତ ପାଟଣେଶ୍ୱରୀ ଓ ଅନ୍ୟଦେବୀ ପୀଠରେ ଧବଳମୁଖୀ ବେଶ କରାଯାଇଥିଲା।

# ମହାନଦୀରେ ବ୍ୟାରେଜ ପାଇଁ ପ୍ରସ୍ତାବ ଦେଉ ରାଜ୍ୟ

ସମ୍ବଲପୁର,୬ା୧୦(ବ୍ୟୁରୋ)

ସଂଘୀୟ ବ୍ୟବସ୍ଥାରେ ରାଜ୍ୟ ସରକାରଙ୍କର ଗୁରତ୍ୱ ପୂର୍ଣ୍ଣ ଭୂମିକା ରହିଥାଏ। ନୂତନ ଯୋଜନା ଉପରେ ପ୍ରସ୍ତାବ ଦେବା ଠାରୁ ଆରମ୍ଭ କରି ନିର୍ମାଣ ଶେଷ ପର୍ଯ୍ୟନ୍ତ କେନ୍ଦ୍ରକୁ ସହଯୋଗ କରିବାର ଦାୟିତ୍ୱ ରହିଛି। ହେଲେ ରାଜ୍ୟ ସରକାର ସେଭଳି ସହଯୋଗ କରୁ ନାହାନ୍ତି। ମହାନଦୀରେ ବ୍ୟାରେଜ ନିର୍ମାଣ ପାଇଁ ରାଜ୍ୟ ପ୍ରସ୍ତାବ ଦେଲେ ନିଶ୍ଚିତ ଭାବେ କେନ୍ଦ୍ର ସହଯୋଗ କରିବ ବୋଲି କଚେରି ରୋଡସ୍ଥିତ ଭାଜପା କାର୍ଯ୍ୟାଳୟରେ ବୁଧବାର ଆୟୋଜିତ ଖବରଦାତା ସମ୍ମିଳନୀରେ କେନ୍ଦ୍ର ଜଳ ସମ୍ପଦ ମନ୍ତ୍ରୀ ବିଶେଶ୍ୱର ଟୁଡୁ କହିଛନ୍ତି। ସେ ଆହୁରି କହିଥିଲେ ଯେ, କେନ୍ଦ୍ର ସରକାର ୨୦୨୪ ପର୍ଯ୍ୟନ୍ତ ପ୍ରତ୍ୟେକ ଘରେ ପିଇବା ପାଣି ଯୋଗାଇ ଦେବାକୁ ଯୋଜନା କରିଛନ୍ତି। ଯୁଦ୍ଧକାଳୀନ ଭାବେ କାମ କରାଯାଉଛି। ଏହାସହ ଛୋଟବଡ ନଦୀ, ଝରଣାଗୁଡିକର ଅପଚୟ ହେଉଥିବା ଜଳକୁ ସଂରକ୍ଷଣ କରାଯିବ ଓ ଜଳ ସେଚନକୁ ବୃଦ୍ଧି କରାଯିବ। କେନାଲ, ଚେକ୍‌ଡ୍ୟାମ, ଗଭୀର ନଳକୂପ ଖୋଳି ଚାଷରେ ଜଳସେଚନ ବ୍ୟବସ୍ଥା ଅଧିକ କରାଯିବ। ଏହାଛଡା ନଦୀ ସଂଯୋଗୀ କରଣ ଯୋଜନା ଉପରେ ଗୁରୁତ୍ୱ ଦିଆଯାଉଛି। ହୀରାକୁଦ ଜଳଭଣ୍ଡାରର ବିଭିନ୍ନ ସମସ୍ୟା ଓ ଏହାର ସମାଧାନ ନେଇ ସମୀକ୍ଷା କରାଯିବ। ଜିଲାର ଅନେକ ବ୍ଲକ ଆଦିବାସୀ ବହୁଳ। ତେଣୁ ରାଜ୍ୟ ସରକାର ଆଇଟିଡିଏ ବ୍ଲକ ପାଇଁ ଦାବି କରନ୍ତୁ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମ୍ବଲପୁର ଏମପି ନିତେଶ ଗଙ୍ଗଦେବ, ବିଧାୟକ ତଥା ରାଜ୍ୟ ଉପସଭାପତି ନାଉରୀ ନାଏକ, ଜିଲା ସଭାପତି ଗିରିଶ ପଟେଲ, ଜିଲା ପ୍ରଭାରୀ ଟଙ୍କଧର ତ୍ରିପାଠୀ, ଜିଲା ପରିଷଦ ଅଧ୍ୟକ୍ଷ ରାଧେଶ୍ୟାମ ବାରିକ, ଅନିଳ ବେହେରା, ସଞ୍ଜୟ ଷଡଙ୍ଗୀ, ଦେବେନ୍ଦ୍ର ମହାପାତ୍ର ପ୍ରମୁଖ ଉପସ୍ଥିତ ରହିଥିଲେ। ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ଟୁଡୁଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା।




ଖବରଦାତା ସମ୍ମିଳନୀରେ କେନ୍ଦ୍ରମନ୍ତ୍ରୀ ବିଶେଶ୍ୱର ଟୁଡୁ ଓ ଅନ୍ୟମାନେ।

# ଭିଏସ୍‌ଏସ୍ ବିମାନ ବନ୍ଦରରେ ଆତଙ୍କବାଦୀ ଅପରେଶନ ନେଇ ମକ୍‌ଡ୍ରିଲ୍




ଆତଙ୍କବାଦୀମାନେ ଯବାନ ନିକଟରେ ଆତ୍ମସମର୍ପଣ କରୁଛନ୍ତି।

ଝାରସୁଗୁଡ଼ା ଅଫିସ,୬ା୧୦

ବିମାନ ବନ୍ଦରରୁ ଆତଙ୍କବାଦୀ ବିମାନ ଅପହରଣ କରିବା ସମୟରେ କିଭଳି ସୁରକ୍ଷିତ ଭାବେ ଯାତ୍ରୀଙ୍କୁ ଉଦ୍ଧାର କରାଯିବ ସେ ନେଇ ଝାରସୁଗୁଡ଼ା ବୀର ସୁରେନ୍ଦ୍ର ସାଏ (ଭିଏସ୍‌ଏସ୍) ବିମାନ ବନ୍ଦରରେ ବୁଧବାର ମକ୍‌ଡ୍ରିଲ୍ ଅନୁଷ୍ଠିତ ହୋଇଯାଇଛି। ପ୍ରତିବର୍ଷ ୨ଥର ହେଉଥିବାବେଳେ ଚଳିତବର୍ଷ ଏହା ପ୍ରଥମ ଥର କରାଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲା ପ୍ରଶାସନ, ପୋଲିସ ପ୍ରଶାସନ ଓ ବିମାନ ବନ୍ଦର କର୍ତ୍ତୃପକ୍ଷ ସାମିଲ ହୋଇଥାନ୍ତି। ଏଥିମଧ୍ୟରେ ୨୦ଜଣଙ୍କୁ ନେଇ ଏକ କମିଟି ଗଠନ କରାଯାଇଥିଲା। ଏଥିରେ ଜିଲା ପ୍ରଶାସନ ତରଫରୁ ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ, ବିମାନ ବନ୍ଦର ନିର୍ଦ୍ଦେଶକ ପବନ କୁମାର ଜୁପ୍ତୀ, ଏସିପି ଅଧିକାରୀ ଆଲୋକ କୁମାର, ସିଏନ୍‌ଏଚ୍ ଅଧିକାରୀ ଲକ୍ଷ୍ମୀ ମହାପାତ୍ର, ଟର୍ମିନାଲ ମ୍ୟାନେଜର ଗୁଣବନ୍ତ ଦୋରା, ବିମାନ ବନ୍ଦର ମୁଖ୍ୟ ସୁରକ୍ଷା ଅଧିକାରୀ ସୁବାସ ଚନ୍ଦ୍ର ଭୋଇ, ତାଳପଟିଆ ଫାଣ୍ଡି ଅଧିକାରୀ ସୁନିଲ ସରାଫ ସମେତ ୩୦ରୁ ଉର୍ଦ୍ଧ୍ୱ ଯବାନ ସାମିଲ ହୋଇଥିଲେ। ଏହି କାର୍ଯ୍ୟକ୍ରମରେ ଏକ ବସ୍‌କୁ ବିମାନ ଭାବେ ନିଆଯାଇଥିବାବେଳେ ଏଥିରେ କେତେଜଣ ଲୋକଙ୍କୁ ଯାତ୍ରୀଭାବେ ବସାଯାଇଥିଲା। ଏହି ବିମାନକୁ ଆତଙ୍କବାଦୀମାନେ ଅପହରଣ କରିବା ସମୟରେ ପ୍ରସ୍ତୁତ ହୋଇଥିବା ଅପରେଶନ ଟିମ୍ ଯାତ୍ରୀମାନଙ୍କୁ ସୁରକ୍ଷିତଭାବେ ଉଦ୍ଧାର କରିଥିଲେ। ପରେ ଆତଙ୍କବାଦୀମାନେ ଅପରେଶନ ଟିମ୍ ନିକଟରେ ଅସ୍ତ୍ର ବିରତି ସହ ଆତ୍ମସମର୍ପଣ କରିଥିଲେ।

# ଅତିଶ ପାଇବେ ପ୍ରଫୁଲ୍ଲ ରଥ ନାଟ୍ୟ ସମ୍ମାନ

ସମ୍ବଲପୁର,୬ା୧୦(ବ୍ୟୁରୋ)

ସମ୍ବଲପୁର ସହରର ଆଦୃଶ୍ୟ ନାଟ୍ୟ ଆଶ୍ରମ ନିର୍ଦ୍ଦେଶକ ଅତିଶ କୁମାର ଶତପଥି ୨୦୨୧ ବର୍ଷ ସକାଶେ ନାଟ୍ୟ ରଶ୍ମି ପ୍ରଫୁଲ୍ଲ ରଥ ନାଟ୍ୟ ସମ୍ମାନ ପାଇବାକୁ ମନୋନୀତ ହୋଇଛନ୍ତି। ଅତିଶ ନାଟ୍ୟକାର, ନାଟ୍ୟ ନିର୍ଦ୍ଦେଶକ ଓ ମଞ୍ଚ କଳାକାର ଭାବେ ଉଲ୍ଲେଖନୀୟ କାର୍ଯ୍ୟ କରିଛନ୍ତି । କର୍ମଶାଳା ମାଧ୍ୟମରେ ଛାତ୍ରଛାତ୍ରୀ, ଯୁବକମାନଙ୍କୁ ନାଟକ ବିଷୟରେ ପ୍ରଶିକ୍ଷଣ ଦେବା ସହ ପଥପ୍ରାନ୍ତ ନାଟକ ଜରିଆରେ ସଚେତନତା କାର୍ଯ୍ୟ କରିଛନ୍ତି। ଭବାନୀପାଟଣା ମହାବୀର ସାଂସ୍କୃତିକ ଅନୁଷ୍ଠାନ ତାଙ୍କୁ ସମ୍ମାନ ପ୍ରଦାନ କରିବାକୁ ଚୟନ କରିଛି ।

## ଟିପିଡବ୍ଲ୍ୟୁଓଡିଏଲ୍ ପକ୍ଷରୁ ସଫେଇ କାର୍ଯ୍ୟକ୍ରମ

ସମ୍ବଲପୁର,୬ା୧୦(ବ୍ୟୁରୋ)

ଟିପିଡବ୍ଲ୍ୟୁଓଡିଏଲ୍ ପକ୍ଷରୁ ବୁର୍ଲା ହୀରାକୁଦ ଡ୍ୟାମ ଡାହାଣ ପାର୍ଶ୍ୱ, ଜିରୋ ପଏଣ୍ଟ ଅଞ୍ଚଳରେ ସଫେଇ କରାଯାଇଥିଲା। ଏହି ଅଞ୍ଚଳରୁ ୭୫ ବ୍ୟାଗ ଅଳିଆ ବାହାରିଥିଲା। କମ୍ପାନୀର ୩୭ଜଣ କର୍ମଚାରୀ ଏଥିରେ ସାମିଲ ହୋଇଥିଲେ। ଆଗକୁ ଏହି କାର୍ଯ୍ୟକ୍ରମ ଜାରି ରହିବ ବୋଲି କମ୍ପାନୀ ଅଧିକାରୀ ମନୋଜ ପଟ୍ଟନାୟକ ସୂଚନା ଦେଇଛନ୍ତି।

## ଜମନକିରାରେ ଦୀନଦୟାଲ ଗ୍ରାମୀଣ ନିଯୁକ୍ତି ମେଳା

ଜମନକିରା, ୬ା୧୦(ଡି.ଏନ.ଏ.)

ଓଡ଼ିଶା ଜୀବିକା ମିଶନ ପକ୍ଷରୁ ଜମନକିରା ବ୍ଲକ୍‌ରେ ଦୀନଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଳ ଯୋଜନାରେ ଗ୍ରାମାଞ୍ଚଳ ବେକାର ଯୁବତୀଯୁବକଙ୍କୁ କର୍ମନିଯୁକ୍ତି ସୁଯୋଗ ଦିଆଯାଉଛି। ତେବେ ପ୍ରଚାର ପ୍ରସାର ଅଭାବରୁ ଗ୍ରାମାଞ୍ଚଳର ଯୁବତୀଯୁବକଙ୍କୁ ଠିକ୍‌ରେ ସୂଚନା ମିଳିପାରୁନାହିଁ। ଏପରିକି ଖବରଦାତା, ଲୋକ ପ୍ରତିନିଧି, ସଚେତନ ନାଗରିକ ମଧ୍ୟ ଜାଣିପାରୁ ନାହାନ୍ତି। ତେଣୁ ବହୁସଂଖ୍ୟକ ପିଲା ନିଯୁକ୍ତି ସୁଯୋଗରୁ ବଞ୍ଚିତ ହେଉଥିବା ଅଭିଯୋଗ ହେଉଛି। ଜମନକିରାରେ ଅନୁଷ୍ଠିତ ନିଯୁକ୍ତି ମେଳାରେ ସରଡ଼ା, ଟିକିଲିପଡ଼ା ଓ ଜମନକିରା ପଞ୍ଚାୟତର ମାତ୍ର ୧୫ଜଣ ଯୁବତୀଯୁବକ ଆସିଥିବା ଜଣାପଡ଼ିଥିଲା। ସେହିପରି କିଛିଦିନ ପୂର୍ବରୁ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଭୋଜପୁର, ଫାଶିମାଲ ଓ କେନାଡ଼ିପା ପଞ୍ଚାୟତରୁ ବହୁ କମ୍ ସଂଖ୍ୟକ ଯୁବତୀଯୁବକ ଆସିଥିଲେ। ଅନୁଷ୍ଠିତ ନିଯୁକ୍ତି ମେଳାରେ ଓଡ଼ିଶା ଜୀବିକା ମିଶନ ପକ୍ଷରୁ ଜିଲା ସଂଯୋଜକ ମନୀଷ ମହାନ୍ତି, ବିପିଏମ୍ ଏମ୍‌ଏ ଏଫ୍ କରିମ, ଏସ୍‌ଡିସି ବିଷ୍ଣୁପ୍ରସାଦ ଦେହୁରି, ବିଏଲ୍‌ସି ସରୋଜ କୁମାର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏ ସଂକ୍ରାନ୍ତରେ ବିପିଏମ୍ ଏମ୍.ଏ. ଏଫ୍ କରିମଙ୍କୁ ପଚାରିବାରୁ ଏମ୍‌ବିକେ ଓ ଗୋଷ୍ଠୀ ସହାୟିକାଙ୍କ ଦ୍ୱାରା ପ୍ରଚାର ପ୍ରସାର କରାଯାଉଛି ବୋଲି କହିଥିଲେ।

## ନୂତନ ପାଠ୍ୟ ଖସଡ଼ା ନେଇ କର୍ମଶାଳା

ଜମନକିରା, ୬ା୧୦(ଡି.ଏନ.ଏ.)

ଜମନକିରା ବ୍ଲକ୍ ବଡ଼ରମା ପଞ୍ଚାୟତ ଷଣ୍ଢପଥର ସରକାରୀ (ଏସ୍‌ଏସ୍‌ଡି) ହାଇସ୍କୁଲ ଓ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ମଙ୍ଗଳବାର ୯ମ ଓ ୧୦ମ ଶ୍ରେଣୀ ପାଇଁ ନୂତନ ପାଠ୍ୟ ଖସଡା ନେଇ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରିଣୀ ଦେବକୀ ନାଏକ ଓ ସଂଯୁକ୍ତା ସାହୁ ଏହାକୁ ପରିଚାଳନା କରିଥିଲେ। ଏଥିରେ ମୁଖ୍ୟତଃ ଓଡ଼ିଆ, ଇଂରାଜି, ପରିବେଶ ବିଜ୍ଞାନ, ହିନ୍ଦୀ, ସଂସ୍କୃତ ବିଷୟ ଉପରେ ପାଠ୍ୟ ଖସଡ଼ା ନେଇ ଆଲୋଚନା ହୋଇଥିଲା। ସାଧନ କର୍ମୀ ଭାବେ ସଂସ୍କୃତ ପାଇଁ ଅସିତ ପଣ୍ଡା, ଗଣିତ ଗେଲ୍ଲାଦ ସାହୁ, ବିଜ୍ଞାନ ପଙ୍କଜ ସାହୁ ଓ ଇଂରାଜୀ ପାଇଁ ସତ୍ୟବ୍ରତ ପଧାନ ପ୍ରମୁଖ ସୂଚନା ପ୍ରଦାନ କରିଥିଲେ। ଏଥିରେ ବ୍ଲକ୍‌ରେ ଥିବା ବିଭିନ୍ନ ହାଇସ୍କୁଲର ୫୮ ଜଣ ଶିକ୍ଷୟିତ୍ରୀଶିକ୍ଷକ ଉପସ୍ଥିତ ଥିଲେ।

## ଆର୍ଥିକ ଅନ୍ତର୍ଭୁକ୍ତୀକରଣ କର୍ମଶାଳା

ଝାରସୁଗୁଡ଼ା ଅଫିସ, ୬ା୧୦

ଝାରସୁଗୁଡା ଜିଲା ସ୍ୱଳ୍ପ ସଞ୍ଚୟ କାର୍ଯ୍ୟାଳୟ ଆନୁକୂଲ୍ୟରେ ବଡ଼ମାଲ ପଞ୍ଚାୟତର ରାଜୀବ ଭବନ ପରିସରରେ ଆର୍ଥିକ ସାକ୍ଷରତା ତଥା ଆର୍ଥିକ ଅନ୍ତର୍ଭୁକ୍ତୀକରଣ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଝାରସୁଗୁଡ଼ା ବିଡିଓ ପ୍ରସନ୍ନ ପାଣ୍ଡେ ମୁଖ୍ୟଅତିଥି ଭାବେ ଯୋଗଦେଇ ପୋଷ୍ଟ ଅଫିସ କିମ୍ବା ରାଷ୍ଟ୍ରାୟତ୍ତ ବ୍ୟାଙ୍କରେ ଅର୍ଥ ଜମା ରଖିଲେ କିଭଳି ଭବିଷ୍ୟତ ସୁରକ୍ଷିତ ରହିପାରିବ ତାହା କହିଥିଲେ। ମୁଖ୍ୟ ଜିଲା ମ୍ୟାନେଜର ଅଜିତ କେର୍କେଟା ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା ଓ ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ବୀମା ଯୋଜନା ସମ୍ପର୍କରେ ବୁଝାଇଥିଲେ। ଜିଲା ସ୍ୱଳ୍ପ ସଞ୍ଚୟ ତଥା ଆର୍ଥିକ ଅନ୍ତର୍ଭୁକ୍ତୀକରଣ ଅଧିକାରୀ ରଞ୍ଜିତା ପଣ୍ଡା ସ୍ୱଳ୍ପ ସଞ୍ଚୟ ଯୋଜନାର ବିଭିନ୍ନ ବିଭାଗ ସମ୍ପର୍କରେ ଆଲୋକପାତ କରିଥିଲେ। କର୍ମଶାଳାରେ ବଡ଼ମାଲ ସରପଞ୍ଚ ଅନିତା ଷଣ୍ଢ, ବ୍ଲକ ଚେୟାରମ୍ୟାନ ଦିଗମ୍ବର ଭୋଇ, ଅଙ୍ଗନୱାଡି ସୁପରଭାଇଜର ସୈରେନ୍ଦ୍ରି ନାୟକ, ଷ୍ଟେଟ ବ୍ୟାଙ୍କ ଆର୍ଥିକ ସଚେତନତା ପରାମର୍ଶଦାତା ସଞ୍ଜୟ କେର୍କେଟା, ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା, ଅଙ୍ଗନୱାଡି କର୍ମୀ ଯୋଗ ଦେଇଥିଲେ।

# ଇଣ୍ଟରସିଟି ଟ୍ରେନ ଚଳାଇବାକୁ ବିଜେଡିର ଦାବି

ସମ୍ବଲପୁର,୬ା୧୦(ବ୍ୟୁରୋ)

ସମ୍ବଲପୁର ରେଳ ମଣ୍ଡଳ ପ୍ରବନ୍ଧକଙ୍କୁ ମଙ୍ଗଳବାର ବିଜେଡିର ମହିଳା ସଦସ୍ୟାମାନେ ଭେଟି ଇଣ୍ଟରସିଟି ଟ୍ରେନ ଚଳାଇବାକୁ ଦାବି କରିଛନ୍ତି। ସେମାନେ ଅଭିଯୋଗ କରିଛନ୍ତି ସମ୍ବଲପୁର-ପୁରୀ, ବଲାଙ୍ଗୀର-ଭୁବନେଶ୍ୱର, ରାଉରକେଲା-ସମ୍ବଲପୁର, ଝରସୁଗୁଡ଼ା-ସମ୍ବଲପୁର, କୋରାପୁଟ-ରାଉରକେଲା ଭାୟା ସମ୍ବଲପୁରକୁ ଯିବାଆସିବା କରୁଥିବା ଟ୍ରେନଗୁଡିକ ବାତିଲ କରାଯାଇଛି। କୋଭିଡ୍ କଟକଣା ଯୋଗୁ ବହୁ ଦିନ ହେବ ଚଳାଚଳ କରୁ ନାହିଁ। ଫଳରେ ଏହି ଟ୍ରେନ ଉପରେ ନିର୍ଭର କରୁଥିବା ସମ୍ବଲପୁର ସମେତ ପଶ୍ଚିମ ଓଡିଶାର ଯାତ୍ରୀମାନେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏ ଦିଗରେ ପଦକ୍ଷେପ ନେବାକୁ ଦାବି କରିଥିଲେ। ମମତା ପଣ୍ଡା, ସୈରେନ୍ଦ୍ରୀ ନାଏକ, ସୁରେଖା ସାହୁ, ଜ୍ୟୋତ୍ସ୍ନା ପ୍ରଧାନ, ପୁଷ୍ପାଞ୍ଜଳି କେରକେଟା, ପ୍ରେମଶିଳା ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ଜିଏମ୍‌ୟୁରେ ଏକାଡେମିକ କାଉନସିଲ ବୈଠକ

ସମ୍ବଲପୁର,୬ା୧୦(ବ୍ୟୁରୋ)

ସମ୍ବଲପୁର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ (ଜିଏମ୍‌ୟୁ) ସମ୍ମିଳନୀ କକ୍ଷରେ ମଙ୍ଗଳବାର ଏକାଡେମିକ କାଉନସିଲ ବୈଠକ ଅନୁଷ୍ଠିତ ହୋଇଯାଇଛି। କୁଳପତି ପ୍ରଫେସର ଏନ୍ ନାଗାରାଜୁ ଅଧକ୍ଷତା କରିଥିଲେ। ପିଜି କାଉନସିଲ ଅଧକ୍ଷ ପ୍ରଫେସର ମୋହିନ ମହମ୍ମଦ, ରେଜିଷ୍ଟ୍ରାର ଯୁଗଳେଶ୍ୱରୀ ଦାସ, ଅବସରପ୍ରାପ୍ତ ପ୍ରଫେସର ହିମାଂଶୁ ମହପାତ୍ର, ପ୍ରଫେସର ପଦ୍ମାବତୀ ଗହନ ପ୍ରମୁଖ ଉପସ୍ଥିତ ଥିଲେ। ଜିଏମ୍‌ୟୁ ରେଜିଷ୍ଟ୍ରାର ଡ. ଉମାଚରଣ ପତି ପରିଚାଳନା କରି ବିଭିନ୍ନ ପ୍ରସଙ୍ଗରେ ପ୍ରସ୍ତାବ ଦେଇଥିଲେ। ପିଜି ସିଲାବସ, ୨ ଗୋଟି ନୂଆ ପାଠ୍ୟକ୍ରମ, ପିଏଚ୍‌ଡି ପାଠ୍ୟକ୍ରମର ସମୟସୀମୀ ୬ ବର୍ଷରୁ ହ୍ରାସ କରି ୪ ବର୍ଷ କରିବା ଆଦି ପ୍ରସ୍ତାବ ଗୃହୀତ ହୋଇଥିଲା।

# ଜିଲାରେ ପ୍ରକ୍ରିୟାକରଣ ଶିଳ୍ପର ସୁଯୋଗ ରହିଛି

ଝାରସୁଗୁଡ଼ା ଅଫିସ,୬ା୧୦

ଡବ୍ଲ୍ୟୁଓଡିସି ଅଧ୍ୟକ୍ଷଙ୍କ ଝାରସୁଗୁଡ଼ା ଗସ୍ତ

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ତାଙ୍କ ପ୍ରମୁଖ ପରାମର୍ଶଦାତା ତଥା ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଅଧ୍ୟକ୍ଷ (ଡବ୍ଲ୍ୟୁଓଡିସି) ଅସୀତ ତ୍ରିପାଠୀ ବୁଧବାର ଝାରସୁଗୁଡ଼ା ଜିଲା ଗସ୍ତରେ ଆସି ଫେରିଯାଇଛନ୍ତି। ସେ ପ୍ରଥମେ ଜିଲାସ୍ତରୀୟ ଅଧିକାରୀଙ୍କ ସହିତ ଏକ ସମୀକ୍ଷା ବୈଠକ କରି ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଅଗ୍ରଗତି ସମ୍ପର୍କରେ ଆଲୋଚନା କରିଥିଲେ। ଜିଲାରେ ବଡବଡ ଶିଳ୍ପାନୁଷ୍ଠାନ ଥିବାରୁ ଏଠାରେ ପ୍ରକ୍ରିୟାକରଣ ଶିଳ୍ପର ପର୍ଯ୍ୟାପ୍ତ ସୁଯୋଗ ରହିଛି ବୋଲି ଅଧ୍ୟକ୍ଷ ତ୍ରିପାଠୀ କହିଥିଲେ। ଏଥିପାଇଁ କ୍ଷୁଦ୍ର ଓ ମଧ୍ୟମ ଧରଣର ଶିଳ୍ପର ବିକାଶ ନିମନ୍ତେ ସ୍ୱତନ୍ତ୍ର ଲ୍ୟାଣ୍ଡବ୍ୟାଙ୍କ ପ୍ରସ୍ତୁତ ପାଇଁ ନିର୍ଦ୍ଦେଶ ଦେଇଥିଲେ।

ଜିଲାରେ ଅଦା, ଲଙ୍କା, ସବୁଜ ପନିପରିବା, ତୈଳବୀଜ, ଲଘୁଶସ୍ୟ, ଫଳ ଓ ଫୁଲ ଉତ୍ପାଦନ ନିମନ୍ତେ ପ୍ରକୃଷ୍ଟ ଜଳବାୟୁ ରହିଛି। ଏଥିପାଇଁ ଯୋଜନା ପ୍ରସ୍ତୁତ କରିବା ପାଇଁ ସେ ଜିଲାର କୃଷି ଓ ଉଦ୍ୟାନ ବିଭାଗ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। କୃଷିଜାତ ଦ୍ରବ୍ୟର ଅମଳ ପରିବର୍ତ୍ତୀ ଏକତ୍ରିକରଣ, ଖାଦ୍ୟ ପ୍ରକ୍ରିୟାକରଣ ଓ କୃଷି ବିପଣୀ ଆଦି ଉଦ୍ୟୋଗ ନିମନ୍ତେ ପ୍ରୋତ୍ସାହନ ଯୋଗାଇବା ପାଇଁ ଜିଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ଶିକ୍ଷିତ ଯୁବବର୍ଗ ଓ ମହିଳାମାନଙ୍କୁ ବିଭିନ୍ନ ପ୍ରକାର କୌଶଳ ବିକାଶ ତାଲିମ ମାଧ୍ୟମରେ ରୋଜଗାର କ୍ଷମ ଉପରେ ଗୁରୁତ୍ୱାରୋପ କରିଥିଲେ। ବୈଠକ ପରେ ଅଧ୍ୟକ୍ଷ ତ୍ରିପାଠୀ ଜିଲାର ବିଭିନ୍ନ ବିଭାଗୀୟ ଅଧିକାରୀଙ୍କ ସହିତ ଝାରସୁଗୁଡା ବ୍ଲକ୍, ଲଖନପୁର ବ୍ଲକ୍ ଓ ବେଲପାହାଡ ପୌରାଞ୍ଚଳର ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପ ପରିଦର୍ଶନ କରିଥିଲେ। ଭାସ୍କର ଟେକ୍ସଟାଇଲ୍ ମିଲ୍ ପରିସରରେ ଥିବା ସରକାରୀ ଜମି, ବାଞ୍ଜିବେର୍ଣ୍ଣାସ୍ଥିତ ବୃହତ୍ ଉଠାଜଳସେଚନ ପ୍ରକଳ୍ପ, ଏଚ୍ କଣ୍ଟାପାଲି ଜଳ ପ୍ରକ୍ରିୟାକରଣ ପ୍ରକଳ୍ପ, ବେଲପାହାଡ ପୌର ପରିଷଦର ଜିଏଲ୍ ହାଇସ୍କୁଲ୍ ରୂପାନ୍ତରିକରଣ ପ୍ରକଳ୍ପ, ଆତ୍ମନିଯୁକ୍ତି ତାଲିମ ପ୍ରତିଷ୍ଠାନ, ଲଖନପୁର ବ୍ଲକ୍ ବଞ୍ଜାରୀ ଗ୍ରାମପଞ୍ଚାୟତରେ ହୋଇଥିବା ଫାର୍ମ ଆଦି ବୁଲି ଦେଖିଥିଲେ। ପରେ ଭାସ୍କର ଟେକ୍ସଟାଇଲ୍ ପରିସରରେ ଥିବା ସରକାରୀ ଜମିର ବିନିଯୋଗ ନିମନ୍ତେ ଉପଯୁକ୍ତ ଯୋଜନା ପ୍ରସ୍ତୁତ କରିବାକୁ ଜିଲା ପ୍ରଶାସନ ଓ ପୌର ପରିଷଦ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଗସ୍ତ ସମୟରେ ଜିଲାପାଳ ସରୋଜ କୁମାର ସାମଲ, ପିଡି ଡିଆର୍‌ଡିଏ ତପିରାମ ମାଝି, ଉପଜିଲାପାଳ ଶିବ ଟପ୍ପୋଙ୍କ ସମେତ କୃଷି, ଶିଳ୍ପ, ଶିକ୍ଷା ଓ କୌଶଳ ବିକାଶ ବିଭାଗର ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ ।



ଡବ୍ଲ୍ୟୁଓଡିସି ଅଧ୍ୟକ୍ଷ ଗିରିଧାରୀଲାଲ୍ ହାଇସ୍କୁଲ୍ ରୂପାନ୍ତରିତ କାର୍ଯ୍ୟକ୍ରମ ପରିଦର୍ଶନ କରୁଛନ୍ତି।

**ନବରାତ୍ର ଦୁର୍ଗା ପୂଜା ପାଇଁ କଳସ ଶୋଭାଯାତ୍ରା**

ସଇଁତଳା,(ଡି.ଏନ.ଏ.): ବଲାଙ୍ଗୀର ଜିଲା ସଇଁତଳା ସାର୍ବଜନୀନ ନବରାତ୍ର ଦୁର୍ଗାପୂଜା ପାଇଁ ବୁଧବାର ସକାଳୁ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଦୁର୍ଗା ମଣ୍ଡପଠାରୁ କମିଟି ସଭାପତି ସୁରେନ୍ଦ୍ର ସିଂ ଭୋଇ, ସମ୍ପାଦକ ସୁବୋଧ ମିଶ୍ର, ମୋନିକା ସିଂ ଭୋଇ, ସତ୍ୟନାରାୟଣ ବେହେରା, ଝସକେତନ ମନହାରା, ପ୍ରଶାନ୍ତ ପୃଷେଠ, କିଶାନ ପଟ୍ଟନାୟକ, ରାଜା ବୈଠାରୁ, ବୁବୁନ ପାଣିଗ୍ରାହୀ, ଭୀଷ୍ମ ସାହୁ, ବିଶାଳ ଅଗ୍ରୱାଲଙ୍କ ସମେତ ବହୁ ସଦସ୍ୟ କଳସ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ଚଳିତବର୍ଷ କପିଳ ଅଗ୍ରୱାଲ ଓ ତାଙ୍କ ଧର୍ମପତ୍ନୀ ରଜନୀ ଅଗ୍ରୱାଲ କର୍ତ୍ତା ହୋଇଛନ୍ତି।



## ସଂକ୍ଷେପରେ

### ବନ ବିଭାଗ ଚଢ଼ାଉ, କାଠଗଣ୍ଡି ଜବତ



ଲୋଇସିଂହା,୬।୧୦(ଡି.ଏନ.ଏ.): ବଲାଙ୍ଗୀର ଜିଲା ଲୋଇସିଂହା ଫରେଷ୍ଟ ରେଞ୍ଜ ଅନ୍ତର୍ଗତ ଆଗଲପୁର ବ୍ଲକ ଫଟାମୁଣ୍ଡାରେ ବୁଧବାର ବନ ବିଭାଗ ପକ୍ଷରୁ ଚଢାଉ କରାଯାଇଥିଲା । ଚଢାଉରୁ ବିପୁଳ ପରିମାଣର ଶାଗୁଆନ କାଠ ଗଣ୍ଡି ଜବତ ହୋଇଛି। ବ୍ୟବସାୟ ଉଦ୍ଦେଶ୍ୟରେ ଏହି କାଠଗଣ୍ଡି ଗଚ୍ଛିତ ରଖାଯାଇଥିଲା। ଏହାର ଆନୁମାନିକ ମୂଲ୍ୟ ୪ ଲକ୍ଷ ଟଙ୍କା ହେବ ବୋଲି ବନ ବିଭାଗ ଆକଳନ କରିଛି। ତେବେ ଏହି ଘଟଣାରେ କାହାରିକୁ ଗିରଫ କରାଯାଇନାହିଁ। ଏସିଏଫ ଅଜିତ ବିଶିଙ୍କ ନେତୃତ୍ୱରେ ଲୋଇସିଂହା ଓ ସାଲେଭଟା ସେକ୍ସନ କର୍ମଚାରୀ ଏହି ଚଢାଉରେ ସାମିଲ ହୋଇଥିଲେ ।

### ନବରାତ୍ର ଦୁର୍ଗାପୂଜା ଆରମ୍ଭ

ଲୋଇସିଂହା,୬।୧୦(ଡି.ଏନ.ଏ.): ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅନ୍ତର୍ଗତ ବୁର୍ଡା ସର୍ବଜନୀନ ଦୁର୍ଗାପୂଜା କମିଟି ପକ୍ଷରୁ ପ୍ରଥମ ଥର ପାଇଁ ନବରାତ୍ର ଦୁର୍ଗପୂଜା ବୁଧବାରଠାରୁ ଆରମ୍ଭ ହୋଇଛି। ମଧ୍ୟାହ୍ନରେ ପୂଜା କମିଟି କର୍ମକର୍ତ୍ତା, ପୂଜାକର୍ତ୍ତା ଏବଂ ଗ୍ରାମବାସୀଙ୍କ ଉପସ୍ଥିତିରେ ବିଲ୍ୱବରଣ ଓ କଳସ ଶୋଭାଯାତ୍ର ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟାରେ ମଣ୍ଡପରେ ପ୍ରାଣପ୍ରତିଷ୍ଠା ଓ ଶୈଳପୁତ୍ରି ପୂଜା ଆରମ୍ଭ ହୋଇଛି । ଏଠାରେ ୪ ଯୋଡା ଦମ୍ପତି ଗୋପବନ୍ଧୁ ସାହୁ, ନାରାୟଣ ସାହୁ, ସୁଶାନ୍ତ ଥନାପତି ଓ ବବଲୁ ସାହୁ କର୍ତ୍ତା ଦାୟିତ୍ୱ ନିର୍ବାହ କରୁଛନ୍ତି।

### ପାଟଖଣ୍ଡା ଯାତ୍ରା ପାଇଁ କାର୍ଯ୍ୟସୂଚୀ ଚୂଡ଼ାନ୍ତ

ଦେଓଗାଁ,୬।୧୦(ଡି.ଏନ.ଏ.): ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଜରାସିଂହା ପାଟଖଣ୍ଡା ଯାତ୍ରାପାଇଁ ଚୂଡାନ୍ତ କାର୍ଯ୍ୟସୂଚୀ ବୁଧବାର ପ୍ରକାଶ ପାଇଛି। ବୁଧବାର ତେଲେଇବସା ଅମାବାସ୍ୟା ଉଛଗୁଡି ପୂଜା ଆରମ୍ଭ ହୋଇଛି। ୧୧ତାରିଖ ସୋମବାର ପାଟଣାଗଡକୁ ପାଟସିନ୍ଦୁର ଆଣିଯିବା ପାଇଁ ବିଦାୟ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ରହିଛି। ୧୩ ତାରିଖ ମହାଷ୍ଟମୀ ଦିନ ସିଂହଦ୍ୱାର ରାଜବାଟୀ ପୂଜା ଓ ଦେବତାଙ୍କ ପାଲିଙ୍କିରେ ବିଶ୍ରାମ, ୧୪ତାରିଖ ନବମୀ ଖଣ୍ଡାସ୍ନାନ, ପାଟସିନ୍ଦୁରବରଣ ଯାତ୍ରା, ୧୫ ତାରିଖ ବିଜୟାଦଶମୀ ଦିନ ଦେଝାରରୁ ଦେବତାଙ୍କ ଆବିର୍ଭାବ ଓ ମାନସିକଧାରୀଙ୍କୁ ବରପ୍ରଦାନ, ୧୭ ତାରିଖ ନିଶିପୂଜା ଓ ୨୧ତାରିଖ ଗୁରୁବାର ଅଷ୍ଟମଙ୍ଗଳା ସହ ଯାତ୍ରା ସମ୍ପନ୍ନ ହେବ ବୋଲି ଆୟୋଜକ କମିଟି ପକ୍ଷରୁ ସୂଚନା ଦିଆଯାଇଛି ।

### ବୁଢ଼ିଆଇ ଫୁଟବଲ: ମାକରଚୁଆଁ ବିଜୟୀ

ଦେଓଗାଁ,୬।୧୦(ଡି.ଏନ.ଏ.): ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଜରାସିଂହା ପଞ୍ଚାୟତ ଚନ୍ଦ୍ରପୁର ଖେଳପଡିଆରେ ବୁଧବାର ପ୍ରଥମ ମା ବୁଢ଼ିଆଇ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ବଡଙ୍ଗୋମୁଣ୍ଡା ଓ ମୁରସିଂ ମଧରେ ଅନୁଷ୍ଠିତ ପ୍ରଥମ ମ୍ୟାଚରେ ମୁରସିଂ ବିଜୟୀ ହୋଇଥିଲା। ମାକରଚୁଆଁ ଓ କୁଶମାଲ ମଧରେ ଅନୁଷ୍ଠିତ ଦ୍ୱିତୀୟ ମ୍ୟାଚ ଅମୀମାଂଶିତ ରହିଥିଲା । ଟାଇବ୍ରେକର ୩-୧ଗୋଲରେ ମାକରଚୁଆଁ ବିଜୟୀ ହୋଇଥିଲା । ପରେ ମାକରଚୁଆଁ ଓ ମୁରସିଂ ମଧରେ ତୃତୀୟ ମ୍ୟାଚ ଖେଳାଯାଇଥିଲା । ନିର୍ଦ୍ଧାରିତ ସମୟରେ ଖେଳ ଅମୀମାଂଶିତ ରହିବାରୁ ଟାଇବ୍ରେକର ୩-୨ଗୋଲରେ ମାକରଚୁଆଁ ବିଜୟୀ ହୋଇଥିଲା । ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ବିଜୁ ଯୁବ ଜନତାଦଳ ସଭାପତି ଶୈଳେନ୍ଦ୍ର କୁମାର ସାହୁ, ସମ୍ମାନୀତ ଅତିଥି ଦେଓଗାଁ ଗ୍ରାମ୍ୟ ଉନ୍ନୟନ କମିଟି ସମ୍ପାଦକ କୃଷ୍ଣପ୍ରସାଦ ପାଣିଗ୍ରାହୀ, ଫୁଟବଲ ପରିଚାଳନା କମିଟି ସମ୍ପାଦକ ଶେଷଦେବ ନାଗ ଯୋଗଦେଇଥିଲେ ।

### ଗାୟତ୍ରୀ ପ୍ରଜ୍ଞାପୀଠରେ ଶ୍ରାଦ୍ଧ ତର୍ପଣ କାର୍ଯ୍ୟକ୍ରମ

ନୂଆପଡ଼ା ଅଫିସ,୬।୧୦: ନୂଆପଡା ଜିଲା ସିନାପାଲି ବ୍ଲକ ଅନ୍ତର୍ଗତ ହାତିବନ୍ଧା ଗାୟତ୍ରୀ ପ୍ରଜ୍ଞା ପୀଠରେ ଅଖିଳ ବିଶ୍ୱ ଗାୟତ୍ରୀ ପରିବାର ପକ୍ଷରୁ ପବିତ୍ର ମହାଲୟା ଆମାବାସ୍ୟା ଆବସରରେ ଶ୍ରାଦ୍ଧ ତର୍ପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ହାତିବନ୍ଧା ପଞ୍ଚୟତର ବିଭିନ୍ନ ଗ୍ରାମର ଲୋକେ ଆସି ନିଜର ପିତୃ ତର୍ପଣ ଓ ପିଣ୍ଡଦାନ କରିଥିଲେ। ଏହି କର୍ମକାଣ୍ଡ ସଞ୍ଚାଳନରେ ଶ୍ରୀନାମଦେବ ଯାଦବ ଓ ମୀନକେତନ ଧୀବର ଦାୟିତ୍ୱ ନିର୍ବାହ କରିଥିବା ବେଳେ ମୋଟ ୨୫ଜଣ ଲୋକ ନିଜର ପିତୃପୁରୁଷଙ୍କୁ ତର୍ପଣ ଓ ପିଣ୍ଡଦାନ କରିଥିଲେ। କାର୍ଯ୍ୟକ୍ରମରେ ଅଖିଳ ଗାୟତ୍ରୀ ପରିବାରର ଅନେକ ପରିଜନ ଉପସ୍ଥିତ ଥିଲେ।

# କ୍ୟାଣ୍ଡେଲ ଜାଳି ଚାଷୀଙ୍କୁ ଶ୍ରଦ୍ଧାଞ୍ଜଳି

ବଲାଙ୍ଗୀର ଅଫିସ, ୬।୧୦

ଉତ୍ତର ପ୍ରଦେଶର ଲଖିମ୍‌ପୁର ଖେରିଠାରେ ଆନ୍ଦୋଳନରତ କୃଷକଙ୍କ ଉପରେ ଗୁଳିଚାଳନା ଓ ଗାଡି ଚଢାଇ ହତ୍ୟା କରାଯିବା ଘଟଣାକୁ ଅବିଭକ୍ତ ବଲାଙ୍ଗୀର ଜିଲା ମିଳିତ କୃଷକ ସଙ୍ଗଠନ ପକ୍ଷରୁ ନିନ୍ଦା କରାଯାଇଛି। ସ୍ଥାନୀୟ ଗାନ୍ଧୀଭବନ ସମ୍ମୁଖ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ସମ୍ମୁଖରେ କ୍ୟାଣ୍ଡେଲ ଜାଳି ସହୀଦ ଚାଷୀଙ୍କୁ ସମ୍ମାନ ଜଣାଯାଇଛି। ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ଚାଷୀନେତାମାନେ ଚାଷୀଙ୍କ ବଳିଦାନ ବ୍ୟର୍ଥ ଯିବନାହିଁ ବୋଲି କହିଛନ୍ତି। ଜିଲା କୃଷକ ସଙ୍ଗଠନ ସଭାପତି ଅରୁଣ ମିଶ୍ରଙ୍କ ସଂଯୋଜନାକ୍ରମେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ଜିଲା କୃଷକ ମହାସଂଘ ସଭାପତି ଯତି ପ୍ରଧାନ, ସମ୍ପାଦକ ସୌମେନ୍ଦ୍ର ପରିଚ୍ଛା, କୋଶଲୀ ଚାଷୀ ସଂଘ ସଭାପତି ଆକାଶ ମିଶ୍ର, ନବନିର୍ମାଣ ଚାଷୀ ସଙ୍ଗଠନର ରାମନାରାୟଣ ବ୍ରହ୍ମା, ୟୁନାଇଟେଡ ଟ୍ରେଡ ୟୁନିଅନ୍ ସଭାପତି




ବଲାଙ୍ଗୀର ଗାନ୍ଧୀଭବନ ସମ୍ମୁଖ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ସମ୍ମୁଖରେ ଚାଷୀମାନେ କ୍ୟାଣ୍ଡେଲ ଜାଳି ଶହୀଦ ଚାଷୀଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଉଛନ୍ତି ।

**ୟୁପି ଲଖିମ୍‌ପୁର ଖେରିରେ କୃଷକଙ୍କୁ ହତ୍ୟାର ନିନ୍ଦା**

ବିଭୂଦତ୍ତ ମିଶ୍ର, କଂଗ୍ରେସ ନେତା ତଥା ସଙ୍ଗଠନ ବିଧୁଭୂଷଣ ତ୍ରିପାଠୀ, ଭିଲେଜର୍ସ ଇଣ୍ଡିଆ ପାର୍ଟି ସଭାପତି ବିପିନ କୁଶଲିଆ, ମିଳିତ ଚାଷୀ ସଙ୍ଗଠନ ସଂଯୋଜକ ମଧୁସୂଦନ କ୍ଷେତୀ, ଚାଷୀନେତା ସରୋଜ ରଥ, ଅମିତ୍ ନାୟକ, ଗଗନ ନାଥ, ୟୁଜିବି କର୍ମଚାରୀ ସଂଘର ପୁଲିନ ମିଶ୍ର, ଯୁବନେତା ସିଦ୍ଧାର୍ଥ ମିଶ୍ର ଚାଷୀଙ୍କ ଉପରେ ଗାଡି ଚଢ଼ାଇ ହତ୍ୟା କରାଯିବା ଘଟଣାର ନିନ୍ଦା କରିଥିଲେ ।

ଶୋକସନ୍ତପ୍ତ ଚାଷୀ ପରିବାରକୁ ସମବେଦନା ଜଣାଇବାକୁ ଇଚ୍ଛା କରୁଥିବା ଅନ୍ୟ ରାଜ୍ୟର ମୁଖ୍ୟମନ୍ତ୍ରୀ ଓ ବିଭିନ୍ନ ରାଜନୈତିକ ଦଳର ନେତୃସ୍ଥାନୀୟ ବ୍ୟକ୍ତିଙ୍କୁ ଅଟକ ରଖାଯିବା ଏବଂ ଗୃହବନ୍ଦୀ କରାଯିବା ଘଟଣା ସ୍ୱେଚ୍ଛାଚାରୀ ଶାସନର ମୁଖା ଖୋଲିଦେଇଛି। ଏହି ଘଟଣାକୁ ନେଇ ସୁପ୍ରିମକୋର୍ଟ ତଦାରଖରେ ତୁରନ୍ତ ଏସ୍‌ଆଇଟି ଗଠନ କରାଯାଇ ତଦନ୍ତ କରାଯିବା, ମନ୍ତ୍ରୀଙ୍କ ଅଭିଯୁକ୍ତ ପୁଅଙ୍କ ବିରୋଧରେ ହତ୍ୟା ମାମଲା ରୁଜୁ କରି ଗିରଫ କରାଯିବା, ହିଂସା ଉଦ୍ରେକକାରୀ ବୟାନବାଜି କରିଥିବା ମନ୍ତ୍ରୀଙ୍କୁ ତୁରନ୍ତ ମନ୍ତ୍ରୀମଣ୍ଡଳରୁ ବହିଷ୍କାର କରାଯିବାକୁ ଦାବି କରାଯାଇଛି।

# ସରକାରୀ ଚୁକ୍ତିଭିତ୍ତିକ ଶିକ୍ଷକ ସଂଘ ବୈଠକ

ବଲାଙ୍ଗୀର ଅଫିସ, ୬।୧୦

ବଲାଙ୍ଗୀର ସରକାରୀ ହାଇସ୍କୁଲ ଚୁକ୍ତିଭିତ୍ତିକ ଶିକ୍ଷକ ସଂଘର ଏକ ବୈଠକ ସ୍ଥାନୀୟ ବିଦ୍ୟାଭୂଷଣ ସଂସ୍କୃତ ମହାବିଦ୍ୟାଳୟଠାରେ ଅନୁଷ୍ଠିତ ହୋଇଛି। ସଂଘ ସଭାପତି ବିନୋଦ କୁମାର ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ସମସ୍ତ ବ୍ଲକର ଶିକ୍ଷୟିତ୍ରୀ ଶିକ୍ଷକ ଯୋଗଦେଇ ସେମାନଙ୍କ ବିଭିନ୍ନ ସମସ୍ୟା ବିଷୟରେ ଆଲୋଚନା କରିଥିଲେ। ୨୦୧୬ ମସିହାରେ ନିଯୁକ୍ତି ପାଇଥିବା ଶିକ୍ଷକଙ୍କ ନିୟମିତକରଣ, ୨୦୧୪ ବ୍ୟାଚ୍‌ର ନିୟମିତକରଣ, ଚୁକ୍ତିଭିତ୍ତିକ ଶିକ୍ଷକମାନଙ୍କ ବିଭିନ୍ନ ସମସ୍ୟାର ସମାଧାନ, ସାର୍ଭିସ ବୁକ୍ ଖୋଲିବା, ପାନ୍ ଏକାଉଣ୍ଟ ଖୋଲିବା ସମ୍ପର୍କରେ ଆଲୋଚନା ହୋଇଥିଲା। ବୈଠକରେ ସଂଘ ସଭାପତି ଭାବେ ସୁଧାଂଶୁ ଶେଖର ବାରିକ, ଉପସଭାପତି ସୁଧୀର କୁମାର ପଧାନ, ଭଗବାନ



ସରକାରୀ ହାଇସ୍କୁଲ ଚୁକ୍ତିଭିତ୍ତିକ ଶିକ୍ଷକ ସଂଘ ବୈଠକରେ ଯୋଗଦେଇଥିବା ଶିକ୍ଷୟିତ୍ରୀଶିକ୍ଷକ।

ବେହେରା, ହେମନ୍ତ ନାଗ, ପଙ୍କଯାକ୍ଷ ପଧାନ, ସମ୍ପାଦକ ଭାବେ ଗାୟତ୍ରୀ ବାରିକ, ଯୁଗ୍ମ ସମ୍ପାଦକ ଲକ୍ଷ୍ମୀକାନ୍ତ ପଟେଲ, କୋଷାଧ୍ୟକ୍ଷ ସନ୍ଧ୍ୟାରାଣୀ ଛତ୍ରିଆ, ଉପକୋଷାଧ୍ୟକ୍ଷ ଭାବେ ଗଣେଶ ଧରୁଆଙ୍କୁ ସର୍ବସମ୍ମତି କ୍ରମେ ମନୋନୀତ କରାଯାଇଥିଲା । ଉପଦେଷ୍ଟା ରଞ୍ଜିତ ମିଶ୍ର, ରାମନାରାୟଣ ଦାଶ, ବୀର କିଶୋର ସୁନା, ଦ୍ୟୁତିରଞ୍ଜନ ମହାଲିଙ୍ଗ, ଶିକ୍ଷକ ଗଣନାଥ ସାହୁ, ଅରବିନ୍ଦ କୁମ୍ଭାର, ଶୁଭେନ୍ଦୁ କୁମାର ନାଥ, ମାଧବ ପଧାନ, ହେମନ୍ତ ନାଗ ପ୍ରମୁଖ ଯୋଗ ଦେଇଥିଲେ ।

# ନବଦିନାତ୍ମକ ଦୁର୍ଗାପୂଜା ପାଇଁ କଳସ ଶୋଭାଯାତ୍ରା

ବଲାଙ୍ଗୀର ଅଫିସ, ୬।୧୦

ବଲାଙ୍ଗୀର ରୁଗୁଡ଼ିପଡ଼ାଠାରେ ନବଦିନାତ୍ମକ ଦୁର୍ଗାପୂଜା ପାଇଁ ବୁଧବାର ସକାଳେ ପୂଜା କମିଟି କର୍ମକର୍ତ୍ତା ଓ ସଦସ୍ୟମାନେ ଏକ ଶୋଭାଯାତ୍ରାରେ ବାହାରିଥିଲେ। ମହାରାଣୀ ସାଗରଠାରେ ପୂଜାର୍ଚ୍ଚନା ପରେ ପୂର୍ଣ୍ଣ କଳସ ଶୋଭାଯାତ୍ରାରେ ଦୁର୍ଗାମଣ୍ଡପକୁ ଅଣାଯାଇଥିଲା।ମଙ୍ଗଳବାର ସନ୍ଧ୍ୟାରେ ବିଲ୍ୱବରଣ ଅନୁଷ୍ଠିତ ହୋଇଥିଲା। ବୁଧବାର ଦେବୀ ଦୁର୍ଗାଙ୍କର ଶୈଳପୁତ୍ରୀ ପୂଜା ଅନୁଷ୍ଠିତ ହୋଇଛି। ଗୁରୁବାର ବ୍ରହ୍ମଚାରିଣୀ, ଶୁକ୍ରବାର ଚନ୍ଦ୍ରଘଣ୍ଟା, ଶନିବାର କୁଷ୍ମାଣ୍ଡା, ରବିବାର ସ୍କନ୍ଦମାତା, ସୋମବାର କାତ୍ୟାୟନୀ, ମଙ୍ଗଳବାର ସପ୍ତମୀ ତିଥିରେ କାଳରାତ୍ରି (ଭାଇଜିଉଁନ୍ତିଆ ପର୍ବ), ବୁଧବାର ମହାଷ୍ଟମୀ ଅବସରରେ ମହାଗୌରୀ ପୂଜା ସହ ସନ୍ଧିପୂଜା ଅନୁଷ୍ଠିତ ହେବ। ଗୁରୁବାର ମହାନବମୀରେ ମାଁ ସିଦ୍ଧିଦାତ୍ରୀ ବେଶରେ ପୂଜା ପାଇବେ। ଶୁକ୍ରବାର ବିଜୟା ଦଶମୀ ପୂଜା ଅନୁଷ୍ଠିତ ହେବ। କର୍ତ୍ତାଭାବେ ପ୍ରଦ୍ୟୁମ୍ନ ପୁରୋହିତ



ରୁଗୁଡିପଡା ଦୁର୍ଗାପୂଜା କମିଟି ପକ୍ଷରୁ ବାହାରିଥିବା କଳସ ଶୋଭାଯାତ୍ରା।

ଓ ତାଙ୍କ ଧର୍ମପତ୍ନୀ ଶୈଳସୁତା ପୁରୋହିତ ଦାୟିତ୍ୱ ତୁଲାଇଥିଲେ । ଶୋଭାଯାତ୍ରାରେ ପୂଜା କମିଟି ସଭାପତି ଚେତନାନନ୍ଦ ପଣ୍ଡା, ଉପସଭାପତି ପ୍ରଦୀପ ପଟ୍ଟନାୟକ, ସହସମ୍ପାଦକ କାହ୍ନୁ ବଗର୍ତ୍ତୀ, ଟିଙ୍କୁ ବାଗ, କୋଷାଧ୍ୟକ୍ଷ ଦେବାଶିଷ ମହାକୁର, ଅରୁଣ ନାଏକ, ଶିବାନନ୍ଦ ବାଗ, ବିଷ୍ଣୁଦତ୍ତ ହୋତା, ତେଜରାଜ ସିଂ ଉପସ୍ଥିତ ଥିଲେ।

## ମାରପିଟ ଘଟଣାକୁ ନେଇ ୨ ମାମଲା

ଖପ୍ରାଖୋଲ, ୬।୧୦(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଖପ୍ରାଖୋଲ ଥାନା ଅନ୍ତର୍ଗତ ବେନକେରା ଗାଁରେ ମାରପିଟ ଘଟଣାକୁ ନେଇ ୨ଟି ମାମଲା ରୁଜୁ ହୋଇଛି। ଜଣେ ଆଦିବାସୀ ଯୁବକଙ୍କୁ ଗାଁର ୫ଜଣ ଅଣଆଦିବାସୀ ବ୍ୟକ୍ତି ଆକ୍ରମଣ କରିଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଗତ ୨ତାରିଖ ଘଟିଥିବା ଏହି ଘଟଣାରେ ରାଜୀବ ବରିହା ଆହତ ହୋଇଛନ୍ତି। ଏ ନେଇ ଖପ୍ରାଖୋଲ ଥାନାରେ ଆଇପିସିର ବିଭିନ୍ନ ଦଫା ସହ ଆଟ୍ରୋସିଟି ମାମଲା ମାମଲା(ନଂ.୧୪୯/୨୧ )ରୁଜୁ ହୋଇଛି। ତୁରନ୍ତ ଅଭିଯୁକ୍ତଙ୍କୁ ଗିରଫ କରିବାକୁ ଆଦିବାସୀ କଲ୍ୟାଣ ସଂଘ ଦାବି କରିଛି। ଆକ୍ରମଣର ଶିକାର ରାଜୀବଙ୍କ ବିରୋଧରେ ମଧ ଥାନାରେ ଅଭିଯୋଗ ହୋଇଛି। ଗାଁର ସୁଷମା ବରିହା ନାମ୍ନୀ ମହିଳାଙ୍କୁ ସେ ଆକ୍ରମଣ କରିଥିବା ଏତଲାରେ ଦର୍ଶାଯାଇଛି। ଏତଲାକୁ ଭିତ୍ତି କରି ଏକ ମାମଲା(ନଂ.୧୪୮/୨୧ )ରୁଜୁ ହୋଇଛି। ଥାନା ଅଧିକାରୀ ରମାକାନ୍ତ ସାହୁଙ୍କୁ ପଚାରିବାରୁ ବେନକେରା ଗାଁ ଘଟଣାକୁ ନେଇ ୨ଟି ମାମଲା ରୁଜୁ ହୋଇଛି। ଆଟ୍ରୋସିଟି ମାମଲାର ତଦନ୍ତ ପାଟଣାଗଡ ଏସ୍‌ଡିପିଓ କରୁଥିବା ସେ କହିଛନ୍ତି ।

## ପିତାମ୍ବର ନାଏକଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ

ବଲାଙ୍ଗୀର ଅଫିସ,୬।୧୦

କବି ତଥା ସଙ୍ଗଠକ ପୀତାମ୍ବର ନାଏକଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ କୁରୁଲ ଗ୍ରାମରେ ଅନୁଷ୍ଠିତ ହୋଇଛି। ସନ୍ଦୀପ କୁମାର କୁଅଁରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳିସଭାରେ ମୁଖ୍ୟଅତିଥିଭାବେ ସିନେ ଅଭିନେତା ସତ୍ୟନାରାୟଣ ବେହେରା, ସମ୍ମାନିତ ଅତିଥି ରାମଚନ୍ଦ୍ର ପଟେଲ, କୃଷ୍ଣଚନ୍ଦ୍ର ମହାକୁର, ଗୀତିକାର ହୃଷିକେଶ ପୁରୋହିତ, ଯଜ୍ଞେଶ୍ୱର ନାଏକ ଓ ବାଲେଶ୍ୱର ପଟେଲ ମଞ୍ଚାସୀନ ହୋଇଥିଲେ। ଏହି ଅବସରରେ ଅତିଥିମାନେ ଅଷ୍ଟଭୂଜା ସାହିତ୍ୟ ଅନୁଷ୍ଠାନର ମୁଖପତ୍ର ଅଷ୍ଟଭୂଜାର ସ୍ୱର୍ଗତ ପିତାମ୍ବର ନାଏକ ସ୍ମରଣୀୟ ସଂଖ୍ୟାକୁ ଲୋକାର୍ପିତ କରିଥିଲେ। ସ୍ୱର୍ଗତ ନାଏକଙ୍କ ଘନିଷ୍ଠ ସହଯୋଗୀ କୃଷ୍ଣଚନ୍ଦ୍ର ମହାକୁର ଲିଖିତ ବଉଳ ଗଛ ର ଛାଇ ଗଳ୍ପ ସଂକଳନ ଲୋକାର୍ପିତ ହୋଇଥିଲା।

## ଭରସୁଜା ଅଞ୍ଚଳରେ ଦନ୍ତାହାତୀ

ଲୋଇସିଂହା, ୬।୧୦(ଡି.ଏନ.ଏ)

ବଲାଙ୍ଗୀର ଜିଲା ଲୋଇସିଂହା ବନ ରେଞ୍ଜ ଅନ୍ତର୍ଗତ ଭରସୁଜା ଅଞ୍ଚଳରେ ଗତ ଦୁଇଦିନ ହେଲା ୨ଟି ଦନ୍ତାହାତୀ ଚଳପ୍ରଚଳ କରୁଥିବା ଦେଖିବାକୁ ମିଳିଛି। ବୁଧବାର ସନ୍ଧ୍ୟାରେ ଉକ୍ତ ଦୁଇହାତୀ ଛେଳିଆପାଟ ସଂରକ୍ଷିତ ଜଙ୍ଗଲରେ ରହିଥିବା ବନ ବିଭାଗ କହିଛି। ତେବେ ହରିଶଙ୍କର ଅଞ୍ଚଳରୁ ଗୋଷ୍ଠୀଛଡା ହୋଇ ସେମାନେ ପଳାଇ ଆସିଥିବା ବନ ବିଭାଗ ପକ୍ଷରୁ କୁହାଯାଇଛି । ହାତୀପଲ ଏଯାଏ କୌଣସି କ୍ଷତି ଘଟାଇ ନ ଥିବା ଜଣାଯାଇଛି। ତେବେ ଗୋଷ୍ଠୀ ଛଡା ଦନ୍ତାଦ୍ୱୟକୁ ନେଇ ଅଞ୍ଚଳବାସୀ ଆତଙ୍କିତ ହୋଇ ପଡିଛନ୍ତି। ମଙ୍ଗଳବାର ଦିନବେଳେ ହାତୀପଲ ଲୋଇସିଂହା–ପଦ୍ମପୁର ପିଡବୁଡି ରାସ୍ତାର ଭରସୁଜାରେ ରାସ୍ତା ପାର ହେଉଥିବା ଯାତ୍ରୀମାନେ ଦେଖିଥିଲେ। ହାତୀପଲ ଭରସୁଜା, ଆଡେନଡୁଙ୍ଗରୀ, ଦୁମିଆପାଲି ପ୍ରଭୃତି ଅଞ୍ଚଳରେ ଦିନ ତମାମ ବୁଲାବୁଲି କରୁଥିଲେ।

## ମାରଣାସ୍ତ୍ର ଦେଖାଇ ସୁନା, ଟଙ୍କା ଲୁଟିଲେ

ଧର୍ମଗଡ,୬।୧୦(ଡି.ଏନ.ଏ.)

କଳାହାଣ୍ଡି ଜିଲା ଧର୍ମଗଡ଼ ଥାନା ମେରଘରା ତେନ୍ତୁଳିପଡାରେ ମଙ୍ଗଳବାର ରାତିରେ ଦୁର୍ବୃତ୍ତମାନେ ମନୋହର ନିଆଲଙ୍କ ଘରେ ପଶି ମାରଣାସ୍ତ୍ର ଦେଖାଇ ସୁନା, ଟଙ୍କା ଆଦି ଲୁଟି ନେଇଛନ୍ତି। ଏ ନେଇ ମନୋହର ବୁଧବାର ଧର୍ମଗଡ ଥାନାରେ ଅଭିଯୋଗ କରିଛନ୍ତି। ଧର୍ମଗଡ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଅଭିଯୋଗ ଅନୁଯାୟୀ, ମଙ୍ଗଳବାର ରାତିରେ ମନୋହରଙ୍କ ପରିବାର ଲୋକେ ଶୋଇଥିବା ବେଳେ ରାତି ପ୍ରାୟ ୧୨ଟାରେ ୬ଜଣ ଦୁର୍ବୃତ୍ତ ଘରେ ହଠାତ୍ ପଶିଥିଲେ। ସେମାନେ ଧରିଥିବା ଭୁଜାଲି, ଖଣ୍ଡା, ବନ୍ଧୁକ ପରିବାର ସମସ୍ତ ବ୍ୟକ୍ତିଙ୍କ ମୁଣ୍ଡରେ ରଖି ଘରେ ଥିବା ସୁନା, ଟଙ୍କା, ରୂପା, କପଡା ଆଦି ଲୁଟି ନେଇଥିଲେ। ଯଦି ପୋଲିସକୁ ଜଣାଇବ ତାହା ହେଲେ ପରିବାରର ସମସ୍ତଙ୍କୁ ମାରିଦେବୁ ବୋଲି ଯିବାବେଳେ ଦୁର୍ବୃତ୍ତମାନେ ଧମକ୍ ଦେଇଥିଲେ। ଏହାପରେ ଦୁର୍ବୃତ୍ତମାନେ ବାହାର ପଟୁ ତାଲା ପକାଇବା ସହ ମନୋହରଙ୍କ ମୋବାଇଲ ଧରି ଚମ୍ପଟ ମାରିଥିଲେ। ଲୁଟ ହୋଇଥିବା ସାମଗ୍ରୀର ମୂଲ୍ୟ ପ୍ରାୟ ୧୦ ଲକ୍ଷ ହୋଇଥିବା ଅଭିଯୋଗରୁ ଜଣାପଡିଛି। ଧର୍ମଗଡ ଥାନାରେ ଏକ ମାମଲା (ନଂ.୧୫୨/୨୧) ରୁଜୁ ହୋଇଛି।

## ଆଇନ ସଚେତନତା କାର୍ଯ୍ୟକ୍ରମ

ଲୋଇସିଂହା,୬।୧୦(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ବାବୁଫାସଡ ଗ୍ରାମରେ ବୁଧବାର ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଲୋଇସିଂହା ତାଲୁକ ଆଇନ ସେବା ସମିତି ଅଧ୍ୟକ୍ଷା ତଥା ପ୍ରଥମ ଶ୍ରେଣୀ ବିଚାରା ବିଭାଗୀୟ ମାଜିଷ୍ଟ୍ରେଟ ସ୍ୱଜାଳି ମହାନ୍ତି ଏଥିରେ ଅଧ୍ୟକ୍ଷତା କରିଥିଲେ। ସେ ତାଙ୍କ ବକ୍ତବ୍ୟରେ ଜନସାଧାରଣଙ୍କୁ ଆଇନ ସେବା ପ୍ରାଧିକରଣର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଅବଗତ କରିଥିଲେ। ଏହି ଅବସରରେ ଲୋକଙ୍କ ବିଭିନ୍ନ ସମସ୍ୟା ଶୁଣିଥିଲେ। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ ଦେବକୀ ସାହୁ, ଓକିଲ ସଂଘ କର୍ମକର୍ତ୍ତା ଓ କୋର୍ଟ କର୍ମଚାରୀ ଉପସ୍ଥିତ ଥିଲେ। ସମିତି ସଦସ୍ୟ ବିବୁଲ ମହାକୁର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଜିଲାର ପ୍ରଥମ ମହିଳା ରାଜମିସ୍ତ୍ରିଙ୍କ ସହ ଜିଲାପାଳଙ୍କ ଆଲୋଚନା



ଜିଲାପାଳଙ୍କ ସହିତ ପଦ୍ମିନୀ ରଣା ଆଲୋଚନା କରୁଛନ୍ତି।

ନୂଆପଡ଼ା ଅଫିସ,୬।୧୦

ନୂଆପଡା ଜିଲା କୋମନା ବ୍ଲକ ନୂଆଗାଁର ଜିଲାର ପ୍ରଥମ ମହିଳା ରାଜମିସ୍ତ୍ରିଙ୍କୁ ମଙ୍ଗଳବାର ଜିଲାପାଳ ଡାକି ଆଲୋଚନା କରିଥିଲେ। ତାଙ୍କର ପାଠପଢାଠାରୁ ଆରମ୍ଭ କରି ସମସ୍ତ ପ୍ରକାର ସହାୟତା ଯୋଗାଇ ଦେବା ପାଇଁ ଜିଲାପାଳ ତାଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। ନୂଆଁଗାଁର ଉଚ୍ଚ ଶିକ୍ଷିତା ଝିଅ ପଦ୍ମିନୀ ରଣା ବର୍ତ୍ତମାନ ଜଣେ ଦକ୍ଷ ରାଜମିସ୍ତ୍ରୀ ଭାବେ ବେଶ ପରିଚିତ। ପଦ୍ମିନୀଙ୍କ କାର୍ଯ୍ୟକୁ ପ୍ରଶଂସା କରି ଜିଲାପାଳ ସ୍ୱାଧାଦେବ ସିଂ ଜିଲାର ପ୍ରଥମ ମହିଳା ରାଜମିସ୍ତ୍ରି, ଇଲେକ୍ଟ୍ରିସିଆନ, ଦକ୍ଷ କ୍ରୀଡାବିତ ପଦ୍ମିନୀଙ୍କୁ ନିଜ କାର୍ଯ୍ୟାଳୟକୁ ଡାକିଥିଲେ। ସେଠାରେ ଗୋଟିଏ ଘଣ୍ଟା ଧରି ପଦ୍ମିନୀଙ୍କ ସହିତ ଆଲୋଚନା କରି ତାଙ୍କ ସମସ୍ୟା ପଚାରି ବୁଝିଥିଲେ । ସେ ଶହେରୁ ଉର୍ଦ୍ଧ୍ୱ ସରକାରୀ ଓ ବେସରକାରୀ ବାସଗୃହ ନିର୍ମାଣ କରି ସାରିଛନ୍ତି। ପଦ୍ମିନୀ ଯୁକ୍ତ ୨ ପାସ କରିଛନ୍ତି। ତାଙ୍କୁ ଉଚ୍ଚ ଶିକ୍ଷା ସହିତ ବୈଷୟିକ ଶିକ୍ଷା ପାଇଁ ଜିଲାପାଳ ପରାମର୍ଶ ଦେଇଥିଲେ । ତାଙ୍କର ମା'ଙ୍କ ସହିତ ବାହାରେ ରହି ଶିକ୍ଷା ଗ୍ରହଣ କରି ପାରିବେ। ପଦ୍ମିନୀଙ୍କ ପଢିବା ଓ ରହିବା ଖର୍ଚ୍ଚ ସରକାରୀ ଭାବେ ଜିଲା ପ୍ରଶାସନ ବହନ କରିବ । ତାଙ୍କୁ ଯେ କୌଣସି ଅସୁବିଧା ହେଲେ ସିଧାସଳଖ ଜିଲାପାଳଙ୍କ ସହିତ ଆଲୋଚନା କରିପାରିବେ ଓ ସମସ୍ତ ପ୍ରକାର ସରକାରୀ ସୁବିଧା ସୁଯୋଗ ଦିଆଯିବ ବୋଲି ଜିଲାପାଳ କହିଛନ୍ତି। ଏହି ସବୁ ନିଷ୍ପତ୍ତି ନେବା ପୂର୍ବରୁ ତାଙ୍କ ମା'ଙ୍କ ସହିତ ଆଲୋଚନା କରି ଜିଲାପାଳଙ୍କୁ ଜଣାଇବେ ବୋଲି ପଦ୍ମିନୀ କହିଥିଲେ। ବିଧବା ମା'ଙ୍କୁ ଭତ୍ତା ମିଳୁଥିବା ବେଳେ ଆବାସ ଯୋଜନା ଗୃହ ନିର୍ମାଣାଧୀନ ରହିଛି।

# ସିର୍ଜାପାଲିରେ ନାଗବାଚା ପୂଜା ସମ୍ପନ୍ନ

ତୁଣ୍ଡଲା,୫।୧୦(ଡି.ଏନ.ଏ.)

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ଅନ୍ତର୍ଗତ ସିର୍ଜାପାଲି ପଞ୍ଚାୟତ ସିର୍ଜାପାଲି ଗ୍ରାମରେ ଦୁଇ ଦିନ ଧରି ନଗବାଚା ପୂଜା ସମ୍ପନ୍ନ ହୋଇଯାଇଛି। ବରଗଡ ଜିଲାର ମେକଦୁମ ଟିକ୍ରାରୁ ନାଗବାଚା କମିଟି ଗୁରୁ ଓ ଭକ୍ତମାନେ ଆସି ପ୍ରଥମେ ବେଲଖଣ୍ଡି ଧବଳେଶ୍ୱର ମନ୍ଦିରରେ ପୂଜାର୍ଚ୍ଚନା କରିସାରିବା ପରେ ସିର୍ଜାପାଲି ଗ୍ରାମର ମାଉସୀ ମନ୍ଦିରଠାରେ ପୂଜା କରିଥିଲେ। ଉକ୍ତ ପୂଜାରେ ଗ୍ରାମର ସମସ୍ତ ପୁରୁଷ ଓ ମହିଳାମାନେ ଉପସ୍ଥିତ ରହି ନିଜର ମନସ୍କାପନା ପୂରଣ କରିବା ପାଇଁ ଅଧିଆ ପଡିଥିଲେ। ଏଥିରେ ନାଗବାଚା ଗୁରୁ ପୁରୁଷୋତ୍ତମ ପଧାନ ସମସ୍ତ ପୂଜା କରିଥିବା ବେଳେ ଗ୍ରାମର ସମସ୍ତ ଭକ୍ତମାନେ ସହଯୋଗ କରିଥିଲେ।



ଲୋକମାନେ ମନସ୍କାପନା ପୂରଣ ପାଇଁ ଅଧିଆ ପଡୁଛନ୍ତି।

# ବାର୍ହା ମାଂସ ଜବତ, ୪ ଗିରଫ

ନୂଆପଡ଼ା ଅଫିସ,୬।୧୦

ନୂଆପଡ଼ା ସଦର ବ୍ଲକ ଟାନୱାଟ ଗ୍ରାମରେ ବନ ବିଭାଗ ଚଢାଉ କରି ୩କେଜି ବାର୍ହା ମାଂସ ଜବତ କରିବା ସହିତ ୪ଜଣଙ୍କୁ ଗିରଫ କରି ବୁଧବାର କୋର୍ଟଚାଲାଣ କରିଛି। ଏଥିସହ ବନ୍ଧୁକ, ଟାଙ୍ଗିଆ ଓ ମାଂସ ଓଜନ ପାଇଁ ରଖାଯାଇଥିବା ନିକିତି ଜବତ କରାଯାଇଛି। ଗିରଫମାନେ ହେଲେ ଉକ୍ତ ଗ୍ରାମର ସୁରେଶ ଚନ୍ଦ୍ର ବିଶ୍ୱାଳ, ଚୈତନ୍ୟ ଶବର, ସଂକୀର୍ତ୍ତନ ଶବର ଓ ରାମଲାଲ ଶବର। ନୂଆପଡ଼ା ରେଞ୍ଜର ବିନିତା ଭୋଇଙ୍କ ସୂଚନା ଅନୁସାରେ ମଙ୍ଗଳବାର ରାତିରେ ଖଡିଆଳ ବନ ବିଭାଗ ଅଧିକାରୀଙ୍କଠାରୁ ଖବର ପାଇ ନୂଆପଡା ଓ ଖଡିଆଳ ୨ଟି ଟିମ୍ ମିଶି ଟାନୱାଟ ଗ୍ରାମର ସୁରେଶଙ୍କ ଘରେ



ଗିରଫ ୪ ଜଣଙ୍କ ସହିତ ଜବତ ମାଂସ, ବନ୍ଧୁକ, ଟାଙ୍ଗିଆ ଓ ନିକିତି।

ଚଢାଉ କରିଥିଲେ। ଜଙ୍ଗଲରୁ ଶିକାର କରି ଆଣିଥିବା ବାର୍ହା ମାଂସକୁ କାଟି ଭାଗ କରାଯାଉଥିବା ଦେଖିବାକୁ ପାଇଥିଲେ। ଚଢ଼ାଉକାରୀ ଟିମ୍ ବାର୍ହା ମାଂସ, ଶିକାର ପାଇଁ ବ୍ୟବହୃତ ବନ୍ଧୁକ, ଟାଙ୍ଗିଆ, ମାଂସ ଓଜନ ଲାଗି ରଖାଯାଇଥିବା ନିକିତି ଜବତ କରି ସମସ୍ତଙ୍କୁ ଗିରଫ କରିଥିଲେ। ପଚରାଉଚରା ବେଳେ ବୁଧବାର ପୂର୍ବାହ୍ନରେ ପୁଣି ସୁରେଶଙ୍କ ଘରେ ଚଢାଉ କରି ୭ ସିଏଫଟି ଶାଗୁଆନ କାଠ ଜବତ କରାଯାଇଛି। ଏହାର ଆନୁମାନିକ ମୂଲ୍ୟ ୩୦ ହଜାର ଟଙ୍କା ହେବ ବୋଲି ଜଣାପଡ଼ିଛି। ଏ ନେଇ ନୂଆପଡା ବନାଞ୍ଚଳ ଏକ ମାମଲା ରୁଜୁ କରି ସମସ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ଚଢ଼ାଉରେ ବନାଞ୍ଚଳ ଅଧିକାରୀ ଭୋଇଙ୍କ ସମେତ ରତନାଥ ସରାଫ, ଦୀପ୍ତିମାନ ପଣ୍ଡା, ସଦାନ ମାଝି, ପ୍ରମାନନ୍ଦ ତାଣ୍ଡି, ଘନଶ୍ୟାମ ଶବର, ସୁସ୍ମିତା ମୁଣ୍ଡ, ସଚ୍ଚିଦାନନ୍ଦ ସାହୁ, ହେମନ୍ତ ଧରୁଆ ଓ ପାରା ସୁରକ୍ଷା କର୍ମୀମାନେ ସାମିଲ ହୋଇଥିଲେ।

**ନୃସିଂହନାଥ ସିଂହଦ୍ୱାରରେ ଝାଡୁ ମାରିଲେ କେନ୍ଦ୍ରମନ୍ତ୍ରୀ**

ପାଇକମାଳ,(ଡି.ଏନ.ଏ.): କେନ୍ଦ୍ର ଆଦିବାସୀ ବ୍ୟାପାର ଓ ଜଳ ସମ୍ପଦ ମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ ବୁଧବାର ସକାଳେ ବରଗଡ ଜିଲା ନୃସିଂହନାଥ ମନ୍ଦିରକୁ ଯାଇ ଠାକୁରଙ୍କୁ ଦର୍ଶନ କରିଥିଲେ। ପରେ ମନ୍ଦିର ସିଂହଦ୍ୱାର ଆସି ସଫେଇ କାର୍ଯ୍ୟକ୍ରମରେ ଯୋଗଦେଇ ଝାଡୁ ମାରିଥିଲେ । ମଙ୍ଗଳବାର ସନ୍ଧ୍ୟାରେ ପାଇକମାଳ ଛକରେ ପହଞ୍ଚିବା ପରେ ଭାଜପା ଯୁବମୋର୍ଚ୍ଚା ତରଫରୁ ତାଙ୍କୁ ସ୍ୱାଗତ କରି ନୃସିଂହନାଥ ଓଟିଡିସି ଯାଏ ପାଛୋଟି ନିଆଯାଇଥିଲା। ତାଙ୍କ ସହ ରାଜ୍ୟ ଭାଜପା କୃଷକ ମୋର୍ଚ୍ଚା ସଭାପତି ତଥା ପୂର୍ବତନ ବିଧାୟକ ପ୍ରଦୀପ ପୁରୋହିତ, ବିଧାୟକ ନାଉରି ନାୟକ, ଗୋବର୍ଦ୍ଧନ ଅଗ୍ରୱାଲ, ସତ୍ୟନାରାୟଣ ବେହେରା, ସରୋଜ ସାମଲ ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ବରପାଲି: ସମଲେଶ୍ୱରୀଙ୍କ ଧବଳମୁଖୀ ବେଶ



ବରପାଲି,୬।୧୦(ଡି.ଏନ.ଏ): ମହାଳୟା ଅବସରରେ ବରଗଡ଼ ଜିଲା ବରପାଲିର ଅଧିଷ୍ଠାତ୍ରୀ ଦେବୀ ମାଁ ସମଲେଶ୍ୱରୀ ଧବଳମୁଖୀ ବେଶରେ ଦର୍ଶନ ଦେଇଥିଲେ। ଭୋର୍‌ରୁ ଭକ୍ତମାନେ ଲମ୍ବା ଧାଡ଼ିରେ ଛିଡ଼ା ହୋଇ କୋଭିଡ୍ କଟକଣା ମାନି ଦେବୀଙ୍କୁ ଦର୍ଶନ କରିଥିଲେ। ମନ୍ଦିର କମିଟି ପକ୍ଷରୁ ଏଥିପାଇଁ ସୁବ୍ୟବସ୍ଥା ହୋଇଥିଲା। ଭକ୍ତମାନେ ଉତ୍ସାହର ସହିତ ଦେବୀଙ୍କ ଧବଳମୁଖୀ ବେଶକୁ ଦର୍ଶନ କରିଥିଲେ।

### ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ

ଅତାବିରା,୬।୧୦(ଡି.ଏନ.ଏ): ବରଗଡ଼ ଜିଲା ଅତାବିରା ଥାନା ଗୋଡ଼ଭଗା ଫାଣ୍ଡି ଖଲିଆପାଲି ଗ୍ରାମର ଚନ୍ଦ୍ରଶେଖର ପାତ୍ର(୧୮)ଙ୍କ ସନ୍ଦେହଜନକ ମୃତ୍ୟୁ ହୋଇଛି। ବୁର୍ଲା ଡାକ୍ତରଖାନା ଫାଣ୍ଡି ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଏହାର ତଦନ୍ତ କରୁଛି। ମୃତ ଯୁବକ ବୈଜାମୁଣ୍ଡାର ଜଣେ ଲୋକଙ୍କ ପାଖରେ ରହି ଜେସିବି ଡ୍ରାଇଭରଭାବେ କାମ କରୁଥିଲେ। ତେବେ ବୈଜାମୁଣ୍ଡାର ଜଣେ ଘରୋଇ ଡାକ୍ତରଙ୍କ କ୍ଲିନିକରେ ସେ ଭର୍ତ୍ତି ହୋଇଥିବା ସୂଚନା ପାଇଁ ପରିବାର ଏବଂ ଗ୍ରାମବାସୀ ସେଠାରେ ପହଞ୍ଚିଥିଲେ । ମାତ୍ର ପରିବାର ଲୋକେ ପହଞ୍ଚିବା ପରେ ଚନ୍ଦ୍ରଶେଖରଙ୍କ ଜୀବନ ଚାଲି ଯାଇଥିଲା । ତଥାପି ଲୋକେ ତାଙ୍କୁ ବୁର୍ଲା ନେଇଥିଲେ ଏବଂ ଡାକ୍ତର ସେଠାରେ ଚନ୍ଦ୍ରଶେଖରଙ୍କୁ ମୃତ ଘୋଷଣା କରିଥିଲେ ।

### ଆଇନ ସଚେତନତା କାର୍ଯ୍ୟକ୍ରମ

ବରଗଡ଼ ଅଫିସ୍,୬।୧୦: ବରଗଡ଼ ବ୍ଲକ ଅନ୍ତର୍ଗତ ସରସରାରେ ବୁଧବାର ଆଜାଦୀ କି ଅମୃତ ମହୋତ୍ସବ ପାଳନ ଅବସରରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଜିଲା ଆଇନ ସେବା ପ୍ରାଧିକରଣ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ଶିବିରକୁ ପ୍ରାଧିକରଣ ସମ୍ପାଦିକା ନୀଳିମା ପଣ୍ଡା ପରିଚାଳନା କରିଥିଲେ। ସ୍ଥାନୀୟ ସରପଞ୍ଚ, ପଞ୍ଚାୟତ ନିର୍ବାହୀ ଅଧିକାରୀ, ଅଙ୍ଗନୱାଡ଼ି କର୍ମୀ, ଆଶା, ବରଡ଼ୋଲ ସେବାଶ୍ରମ ସ୍କୁଲର ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ବ୍ୟବସାୟୀ ପର୍ଶୁରାମ ଅଗ୍ରୱାଲଙ୍କ ପରଲୋକ

ପଦ୍ମପୁର,୬।୧୦(ଡି.ଏନ.ଏ.): ବଲାଙ୍ଗୀର ଜିଲା ପଦ୍ମପୁର ଅଂଚଳର ବିଶିଷ୍ଟ ବ୍ୟବସାୟୀ ତଥା କଳିଙ୍ଗ ଗ୍ରୁପର ପ୍ରତିଷ୍ଠାତା ପର୍ଶୁରାମ



ଅଗ୍ରୱାଲ(୭୮)ଙ୍କ ମଙ୍ଗଳବାର ରାତିରେ ତାଙ୍କ ପଦ୍ମପୁରସ୍ଥିତ ବାସଭବନରେ ପରଲୋକ ଘଟିଛି। ସେ ଗତ କିଛିଦିନ ଧରି ଶଯ୍ୟାଶାୟୀ ଥିଲେ। ସେ ଜଣେ ପରୋପକାରୀ ବ୍ୟକ୍ତି ଥିଲେ। ମୃତ୍ୟୁଶଯ୍ୟା ନିକଟରେ ସ୍ତ୍ରୀ ଗୀତା, ଭାଇ ଗୋବିନ୍ଦ ପ୍ରସାଦ, କାଶୀରାମ, ନରସିଂଘ, ପୁତ୍ର ଅନୀଲ, ସୁଶୀଲ, ଜୟପ୍ରକାଶ, ଝିଅ ସଞ୍ଜୁଦେବୀ, ମଞ୍ଜୁଦେବୀ, ପଦ୍ମଦେବୀ ଓ ଆତ୍ମୀୟ ସ୍ୱଜନ ଉପସ୍ଥିତ ଥିଲେ। ତାଙ୍କ ପରଲୋକ ଖବର ପାଇ ବହୁତ ଗଣ୍ୟମାନ୍ୟ ବ୍ୟକ୍ତି ତାଙ୍କ ଅନ୍ତିମ ଦର୍ଶନ କରିଥିଲେ। ସ୍ଥାନୀୟ ସ୍ୱର୍ଗଦ୍ୱାରରେ ତାଙ୍କର ଅନ୍ତିମ ସତ୍କାର କରାଯାଇଛି। ଜେଷ୍ଠପୁତ୍ର ଅନୀଲ ମୁଖାଗ୍ନି ଦେଇଥିଲେ। ତାଙ୍କ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

### ପରିବେଶ ସୁରକ୍ଷା ପାଇଁ ପୁରସ୍କୃତ

ପାଇକମାଳ,୬।୧୦(ଡି.ଏନ.ଏ.): ପରିବେଶ ସୁରକ୍ଷା ନିମନ୍ତେ ଉଲ୍ଲେଖନୀୟ ଅବଦାନ ପାଇଁ ବରଗଡ଼ ଜିଲା ଝାରବନ୍ଧ ବ୍ଲକ ଡୁମୁରିପାଣି ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ଦିବସ କୁମାର ସାହୁଙ୍କୁ ୨୦୨୦ ବର୍ଷ ପାଇଁ ବିଜୁ ପଟ୍ଟନାୟକ ପୁରସ୍କାର ପ୍ରଦାନ କରାଯାଇଛି। ଜଙ୍ଗଲ ଏବଂ ପରିବେଶ ବିଭାଗ,ଓଡିଶା ସରକାରଙ୍କ ତରଫରୁ ତାଙ୍କୁ ଏହି ସମ୍ମାନ ମିଳିଛି। ପାଇକମାଳ ରେଞ୍ଜର ହରିଶଙ୍କର ନାୟକ ଦିବସଙ୍କୁ ୫ ହଜାର ଟଙ୍କାର ଚେକ ଓ ଜଙ୍ଗଲ ଏବଂ ପରିବେଶ ବିଭାଗ ତରଫରୁ ପ୍ରଦାନ କରାଯାଇଥିବା ମାନପତ୍ର ପ୍ରଦାନ କରିଥିଲେ ।

# ପାଇପ୍ ବିଛାରେ ଅଟକିଛି ମେଗା ଜଳ ପ୍ରକଳ୍ପ

ବିନିକା,୬।୧୦(ଡି.ଏନ୍.ଏ.)

ସୁବର୍ଣ୍ଣପୁର ଜିଲା ଅନ୍ତର୍ଗତ ବିନିକା ଓ ଡୁଙ୍ଗୁରୀପାଲି ବ୍ଲକର ଲୋକଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବା ନିମନ୍ତେ ଚାଲିଥିବା ମେଗା ଜଳ ପ୍ରକଳ୍ପ କାର୍ଯ୍ୟ ପାଇପ ବିଛାରେ ଅଟକିଛି। ଏପରିକି କାମ ଆରମ୍ଭ ହେବାର ଦେଢବର୍ଷ ବିତିଥିଲେ ହେଁ ସୂଚନା ଫଳକ ଲାଗିନାହିଁ। ୩ ବର୍ଷ ମଧ୍ୟରେ ଏହା ଶେଷ ହେବା ପାଇଁ ଲକ୍ଷ୍ୟ ରଖାଯାଇଥିବା ବେଳେ କାମ ମନ୍ଥର ଗତିରେ ଚାଲିଥିବାରୁ ତାହା ନିର୍ଦ୍ଧାରିତ ସମୟରେ ସରିବା ନେଇ ଅନିଶ୍ଚୟତା ଦେଖାଦେଇଛି ।

ପ୍ରକାଶ ଯେ, ଉପରୋକ୍ତ ଦୁଇ ବ୍ଲକର ୧୯୯ଟି ଗ୍ରାମକୁ ପାଇପ୍ ଯୋଗେ ଘରକୁ ଘର ବିଶୁଦ୍ଧ ଜଳ ଯୋଗାଇ ଦିଆଯିବ। ଏହା କାର୍ଯ୍ୟକାରୀ ହେଲେ ୧ଲକ୍ଷ ୫୯ ହଜାର ଲୋକ ଉପକୃତ ହେବେ । ଏଥିପାଇଁ ୨୦୨୦-୨୧ ଆର୍ଥିକ ବର୍ଷରେ ବସୁଧା ଯୋଜନାରେ ୧୯୯କୋଟି ୭୭ ଲକ୍ଷ ଟଙ୍କା ସରକାରଙ୍କ ପକ୍ଷରୁ ମଞ୍ଜୁର ହୋଇଛି । ରାଜସ୍ଥାନ ଜୟପୁରର କ୍ଷୁବେରୀ ଇଞ୍ଜିନିୟରିଂ ଏବଂ ନିକୋନ ପାୱାର ଇଣ୍ଡିଆ ନାମକ ଠିକା ସଂସ୍ଥା ୨୦୨୦ରେ ଏହି କାମ ହାତକୁ ନେଇଥିଲା। ମାତ୍ର ପରିତାପର ବିଷୟ କାର୍ଯ୍ୟ ଆରମ୍ଭ ହେବାର ୨୦ ମାସ ବିତି ଯାଇଥିଲେ ହେଁ ପ୍ରକଳ୍ପ କାମ ରାସ୍ତା ଖୋଳା ଓ ପାଇପ୍ ବିଛାଇବାରେ ଅଟକିଛି। ଏଯାଏ ୧୯୯ ଗାଁକୁ ପାଇପ୍ ବିଛାଇବା କାମ ଅଧାଅଧି ସରିନାହିଁ। ବିନିକା ବ୍ଲକ ସିନ୍ଦୁରପୁର ଗ୍ରାପ ଅନ୍ତର୍ଗତ ମଣିଗାଁ ମହାନଦୀ ମୁହାଣରୁ ପାଣି ଉଠାଇବା ପାଇଁ ଠିକାସଂସ୍ଥା ପକ୍ଷରୁ ଏକ ଗଭୀର କୂପ ଖୋଳାଯାଇଛି। କୂପ ଖୋଳା ଯିବାର ବହୁ ମାସ ବିତି ଯାଇଥିଲେ ସୁଦ୍ଧା ଏହାର ଚାରିପଟେ ଖୋଳାଯିବା ବେଳେ ବାହାରିଥିବା ପଥର ଖଣ୍ଡ ହଟାଯାଉନାହିଁ। ଫଳରେ ସ୍ଥାନୀୟ ଲୋକେ ବିଭିନ୍ନ ଭାବେ ହଇରାଣ ହରକତ ହେଉଛନ୍ତି । ସେହିପରି ପାଇପ ବିଛାଇବା ପାଇଁ ଗ୍ରାମୀଣ ରାସ୍ତା ଖୋଳି ଦିଆଯାଉଛି। ହେଲେ ଗାତଗୁଡିକ ଠିକ ଭାବେ ପୋତା ଯାଉନାହିଁ। ବାଙ୍କିଘିର୍ଡି, କୁକୁଡାଖୋଲି,ବାଗଡିଆ, ଦେଣ୍ଡୁପଦର, ଜାମପାଲି ଗାଁ ରାସ୍ତା ଏହାର ଉଦାହରଣ। ଯୁଦ୍ଧକାଳୀନ ଭିତ୍ତିରେ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ଓ ରାସ୍ତା ମରାମତି ଦିଗରେ ବିହିତ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି ।

ଏନେଇ ମଣିଗାଁ ଗ୍ରାମର ରାମଗୋପାଳ ଖଣ୍ଡଗିରି ଓ ଉତ୍ତମ ପେରା କୁହନ୍ତି , ଠିକା ସଂସ୍ଥା ପକ୍ଷରୁ କାମ ଧିରେ ଧିରେ ଆଗଉଛି। ରାସ୍ତାରେ ପାଇପ ବିଛାଇବା ପାଇଁ ଗାତ ଖୋଳୁଥିଲେ ମଧ୍ୟ ପୋତାଯାଉ ନାହିଁ । ସେହିପରି ମଣିଗାଁ ନିକଟରେ ଖୋଳା ଯାଇଥିବା କୂପ ଅସୁରକ୍ଷିତ ଭାବେ ପକାଇ ଦିଆଯାଇଛି। ଯଥାଶୀଘ୍ର ଏହି କାମ ଶେଷ ହେଲେ ବିନିକା ଏବଂ ଡୁଙ୍ଗୁରିପାଲି ବ୍ଲକ ଲୋକେ ଉପକୃତ ହୋଇପାରନ୍ତେ। ବଲାରଙ୍ଗା ଗ୍ରାମର ଦଶରଥ ସୁନା କୁହନ୍ତି, ଠିକା ସଂସ୍ଥା ମନମୁଖୀ ପ୍ରକଳ୍ପ କାର୍ଯ୍ୟ କରୁଛି । ଲୋକେ ପାଣି ପାଇଁ ହଇରାଣ ହେଉଛନ୍ତି। ଏ ନେଇ ଜିଲା ଆରଡବ୍ଲୁଏସ୍ଏସ୍ ନିର୍ବାହୀ ଯନ୍ତ୍ରୀ ବିଭୁ ପ୍ରସାଦ ପଣ୍ଡାଙ୍କୁ ପଚାରିବାରେ କୋଭିଡ-୧୯ ପାଇଁ କାର୍ଯ୍ୟ ବିଳମ୍ବ ହୋଇଛି। ବର୍ତ୍ତମାନ କାମ ଜୋରସୋରରେ ଆଗେଇ ଚାଲିଛି। ରାସ୍ତାରେ ଖୋଳା ଯାଇଥିବା ଗାତ ପୋତିବା ବିଳମ୍ବର କାରଣ ଶତାଧିକ ଗ୍ରାମରେ ପାଇପ୍ ବିଛାଇବା କାମ ହେଉଛି। ପାଇପ୍ ବିଛାଇବା ପ୍ରଥମ କାର୍ଯ୍ୟ। ଗ୍ରାମୀଣ ରାସ୍ତାକୁ ସଠିକ ଭାବରେ ପୋତାଯାଉଛି। ସୂଚନା ଫଳକ ଟଙ୍ଗା ହୋଇଯିବା କଥା । ଟଙ୍ଗା ଯାଇ ନ ଥିବା ବିଷୟରେ ଜାଣିନାହିଁ। ଏହାର ବିଧିବଦ୍ଧ ତଦନ୍ତ ହୋଇ ଖୁବଶୀଘ୍ର ସୂଚନାଫଳକ ଟଙ୍ଗାଯିବ ବୋଲିସେ କହିଥିଲେ।

**୨୦ ମାସ ପରେ ବି ଲାଗିନି ସୂଚନା ଫଳକ**

# ଜଳସେଚନ ବ୍ୟବସ୍ଥା ଅଭାବରୁ ମରୁଡ଼ି ସ୍ଥିତି



ବରଗଡ଼ରେ ଦଳୀୟ କାର୍ଯ୍ୟକର୍ତ୍ତାମାନେ କେନ୍ଦ୍ର ଆଦିବାସୀ କଲ୍ୟାଣ ମନ୍ତ୍ରୀଙ୍କୁ ସମ୍ବର୍ଦ୍ଧନା ଦେଉଛନ୍ତି।

ବରଗଡ଼ ଅଫିସ୍,୬।୧୦

ବରଗଡ଼ ଜିଲା ଗସ୍ତରେ ବୁଧବାର କେନ୍ଦ୍ର ଆଦିବାସୀ କଲ୍ୟାଣ ମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ ଆସିଥିଲେ। ସେ ପଦ୍ମପୁର ଉପଖଣ୍ଡର ମରୁଡ଼ିଗ୍ରସ୍ତ ଫସଲ ପରିଦର୍ଶନ କରିବା ପରେ ବରଗଡ଼ସ୍ଥିତ ଭାଜପା କାର୍ଯ୍ୟାଳୟରେ ଆସିଥିଲେ। ଜଳସେଚନ ବ୍ୟବସ୍ଥା ଅଭାବରୁ ଜିଲାର ବିଭିନ୍ନ ଅଞ୍ଚଳରେ ମରୁଡ଼ି ସ୍ଥିତି ଉପୁଜିଛି ବୋଲି କେନ୍ଦ୍ରମନ୍ତ୍ରୀ ଟୁଡୁ କହିଥିଲେ। ତେବେ ସଂଘୀୟ ବ୍ୟବସ୍ଥାରେ କେନ୍ଦ୍ର ସିଧାସଳଖ କୌଣସି କାମ କରି ପାରିବ ନାହିଁ। ଏଥିପାଇଁ ରାଜ୍ୟ ସରକାର କେନ୍ଦ୍ରକୁ ପ୍ରସ୍ତାବ ଦେଲେ ଜଳସେଚନ ବ୍ୟବସ୍ଥା ନେଇ ବିହିତ ପଦକ୍ଷେପ ନିଆଯିବ ବୋଲି ସେ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ କହିଥିଲେ। ଜିଲା ଭାଜପା କାର୍ଯ୍ୟାଳୟରେ ଦଳୀୟ କାର୍ଯ୍ୟକର୍ତ୍ତା, କର୍ମୀବୃନ୍ଦ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ଦଳର ଜିଲା ସଭାପତି ଅଶ୍ୱିନୀ ଷଡ଼ଙ୍ଗୀ, ପୂର୍ବତନ ବିଧାୟକ ପ୍ରଦୀପ ପୁରୋହିତ, ବରିଷ୍ଠ ନେତା ସୁରେଶ୍ୱର ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ ।

**ବରଗଡ଼ରେ କେନ୍ଦ୍ର ଆଦିବାସୀ କଲ୍ୟାଣ ମନ୍ତ୍ରୀ**

# ସୁବର୍ଣ୍ଣପୁର ସହର ଉପକଣ୍ଠରେ ହାତୀପଲ

ସୋନପୁର,୬।୧୦(ନି.ପ୍ର.)

ସୁବର୍ଣ୍ଣପୁର ସହର ଉପକଣ୍ଠ ହିକୁଡି ଗାଁ ନିକଟରେ ବୁଧବାର ହାତୀପଲ ଦେଖିବାକୁ ମିଳିଥିଲେ । ଏହି ଦଳରେ ୨ଟି ମାଇ ହାତୀ, ଗୋଟିଏ ଦନ୍ତା ଓ ୩ଟି ହାତୀ ଶାବକ ଥିଲେ । ସହର ଠାରୁ ମାତ୍ର ୩ କିଲୋମିଟର ଦୂର ମହାନଦୀ କୂଳରେ ହାତୀ ପଲ ଦେଖି ଲୋକଙ୍କ ଭିଡ ଜମିଥିଲା । ତେବେ ପୋଲିସ ଓ ବନବିଭାଗ ଲୋକମାନଙ୍କୁ ଦୂର ସ୍ଥାନକୁ ଘଉଡାଇ ଦେଇଥିଲେ। ସନ୍ଧ୍ୟାରେ ହାତୀ ପଲ ନୂଆଗାଁ ଓ ପଞ୍ଚମହଲା ଦେଇ ପୁଣି ଉଲୁଣ୍ଡା ଜଙ୍ଗଲ ଆଡକୁ ଫେରିଛନ୍ତି। ବନବିଭାଗ ହାତୀ ଗତିବିଧି ଉପରେ ନଜର ରଖିଛି ।

ପ୍ରକାଶ ଯେ, ସମ୍ବଲପୁର ଜିଲା ରେଢାଖୋଲ ଜଙ୍ଗଲରୁ ପ୍ରାୟ ୧ ମାସ ପୂର୍ବରୁ ଏହି ହାତୀମାନେ ଖାଦ୍ୟ ଅନ୍ୱେଷଣରେ ଉଲୁଣ୍ଡା ଫରେଷ୍ଟ ରେଞ୍ଜକୁ ଚାଲି ଆସିଛନ୍ତି। ହାତୀ ପଲ ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ରେଞ୍ଜର ଚାନ୍ଦିଲି ଓ ସିଂହାସନୀ ସଂରକ୍ଷିତ ଜଙ୍ଗଲରେ ରହି ଆସୁଛନ୍ତି। ଗତ ୨ ଦିନ ଧରି ଉଲୁଣ୍ଡାସ୍ଥିତ ଝାରବାହାଲି ଓ ବଲାଡି ଜଙ୍ଗଲରେ ହାତୀ ରହୁଥିଲେ। ମଙ୍ଗଳବାର ରାତିରେ ବଡାଲି ଜଙ୍ଗଲରୁ ହାତୀ ପଲ ପଞ୍ଚମହଲା ଓ ନୂଆଗାଁ ଦେଇ ହିକୁଡି ମୁହାଁ ହୋଇଥିଲେ। ହାତୀ ଯିବା ଆସିବା ସମୟରେ ଧାନ କ୍ଷେତଗୁଡିକୁ ଦଳି ଚକଟି ନଷ୍ଟ କରି ଦେଇଥିବା ଚାଷୀଙ୍କ ପକ୍ଷରୁ ଅଭିଯୋଗ ହୋଇଛି ।



ହିକୁଡି ଗାଁ ମୁଣ୍ଡ ଜଙ୍ଗଲିଆ ସ୍ଥାନରେ ହାତୀ ପଲ ।

# ଆୟୁଷ ଡାକ୍ତରଙ୍କ ଅସହଯୋଗ ଆନ୍ଦୋଳନ

ବରଗଡ଼ ଅଫିସ୍, ୬।୧୦

ରାଜ୍ୟର ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରତ ଆୟୁଷ ଡାକ୍ତରଙ୍କୁ ସରକାର ଅଣଦେଖା କରୁଛନ୍ତି। ଗତ ୧୪ବର୍ଷ ହେଲା ନିରବଚ୍ଛିନ୍ନ ସ୍ୱାସ୍ଥ୍ୟସେବା ଯୋଗାଇ ଆସୁଥିଲେ ସୁଦ୍ଧା ସେମାନଙ୍କୁ ନିୟମିତ କରାଯାଇଛି। ଏ ପର୍ଯ୍ୟନ୍ତ ସେମାନେ ଜଣେ ଚୁକ୍ତିଭିତ୍ତିକ ଡାକ୍ତରଭାବେ କାର୍ଯ୍ୟ କରୁଛନ୍ତି। ଏହାକୁ ନେଇ ଅଲ୍ ଓଡ଼ିଶା ଆୟୁଷ ଡାକ୍ତର ଆସୋସିଏଶନ ଉଦ୍‌ବେଗ ପ୍ରକାଶ କରିଛି। ସରକାରଙ୍କ ଏଭଳି ଅଣଦେଖା ମନୋଭାବର ପ୍ରତିବାଦରେ ଗତ ୨ତାରିଖରୁ କାର୍ଯ୍ୟରତ ଆୟୁଷ ଡାକ୍ତରମାନେ ଅସହଯୋଗ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ତେବେ ସରକାର ସେମାନଙ୍କ ଦାବି ପୂରଣ ନ କରିବା ପର୍ଯ୍ୟନ୍ତ ଏହି ଆନ୍ଦୋଳନ ଜାରି ରହିବ ବୋଲି ଅଲ୍ ଓଡ଼ିଶା ଆୟୁଷ ଡାକ୍ତର ଆସୋସିଏଶନ ପକ୍ଷରୁ ସୂଚନା ଦିଆଯାଇଛି।

ବୁଧବାର ବରଗଡ଼ ସାମ୍ବାଦିକ ଭବନରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ଆସୋସିଏଶନ ରାଜ୍ୟ ସଭାପତି ଲୋଟସ୍ ମିଶ୍ର କହିଥିଲେ, ଆୟୁଷ ଡାକ୍ତରମାନେ ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରରେ ଆୟୁର୍ବେଦିକ, ହୋମିଓପ୍ୟାଥିକ ସହିତ ଏଲୋପାଥିକ ଚିକିତ୍ସା କରୁଛନ୍ତି। କୋଭିଡ୍ ମୁକାବିଲାରେ ନିୟୋଜିତ ହୋଇ କେତେକଙ୍କ ମୃତ୍ୟୁ ଘଟିଛି। ଏହାସତ୍ତ୍ୱେ ଆୟୁଷ ଡାକ୍ତରଙ୍କୁ ନିୟମିତ କରାଯାଇ ନାହିଁ ବୋଲି ମିଶ୍ର କହିଥିଲେ। ଆସୋସିଏଶନର ଚିରଞ୍ଜିବ ସୂପକାର କହିଥିଲେ, ଆୟୁଷ ଡାକ୍ତରଙ୍କୁ ନିୟମିତ କରାଯିବା ଦିଗରେ ପଦକ୍ଷେପ ନିଆଯାଉଛି ବୋଲି ୨୦୧୫ ମସିହାରେ ରାଜ୍ୟ ସରକାର ବିଧାନସଭା ଷ୍ଟାଣ୍ଡିଂ କମିଟିକୁ ଜଣାଇଥିଲେ। କିନ୍ତୁ ଏପର୍ଯ୍ୟନ୍ତ ସେମାନଙ୍କୁ ନିୟମିତ କରାଯାଇନାହିଁ। ସରକାରଙ୍କ ଏଭଳି ଅଣଦେଖା ମନୋଭାବ ଯୋଗୁ ସ୍ୱାସ୍ଥ୍ୟସେବାରେ ଅସହଯୋଗ କରିବାକୁ ଆୟୁଷ ଡାକ୍ତରମାନେ ବାଧ୍ୟ ହୋଇଛନ୍ତି। ବହିର୍ବିଭାଗ ଚିକିତ୍ସାକୁ ବାଦ୍ ଦେଲେ ଅନ୍ୟ ଅତିରିକ୍ତ କାର୍ଯ୍ୟ ସେମାନେ କରୁନାହାନ୍ତି। ଦାବି ପୂରଣ ନ ହେବା ଯାଏ ଆୟୁଷ ଡାକ୍ତର ଆସୋସିଏଶନ ଅସହଯୋଗ ଆନ୍ଦୋଳନ ଜାରି ରଖିବ ବୋଲି ଆସୋସିଏଶନ ରାଜ୍ୟ ସଭାପତି ମିଶ୍ର ସୂଚନା ଦେଇଛନ୍ତି। ଖବରଦାତା ସମ୍ମିଳନୀରେ ଡା. ମନୋରଞ୍ଜନ ହୋତା, ବିଭୁଦତ୍ତ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# କେନ୍ଦ୍ରମନ୍ତ୍ରୀଙ୍କୁ ନାଗରିକ କମିଟିର ଦାବିପତ୍ର

ପଦ୍ମପୁର, ୬।୧୦(ଡି.ଏନ.ଏ.)

କେନ୍ଦ୍ର ଆଦିବାସୀ ଓ ଜଳସମ୍ପଦ ବିଭାଗ ମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁଙ୍କୁ ବୁଧବାର ପଦ୍ମପୁର ଗସ୍ତରେ ଆସିଥିଲେ। ଏହି ଅବସରରେ ପଦ୍ମପୁର ଟାଉନ ହଲରେ ତାଙ୍କୁ ନାଗରିକ କମିଟି ପକ୍ଷରୁ ୪ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଛି। ଉକ୍ତ ଦାବିପତ୍ରରେ ପଦ୍ମପୁରରେ ଆଦିବାସୀ ହସ୍ତଶିଳ୍ପ ପାଇଁ ପ୍ରଶିକ୍ଷଣ କେନ୍ଦ୍ର, ଜଳସେଚନ ସୁବିଧା ପାଇଁ ଚିରୋଲିଠାରେ ଅଙ୍ଗବନ୍ଧ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ କରିବା, ବରଗଡ଼-ନୂଆପଡା ଭାୟା ପଦ୍ମପୁରକୁ ରେଳ ଲାଇନ ଓ ପଦ୍ମପୁରଠାରେ ଏକ କେନ୍ଦ୍ରୀୟ ବିଦ୍ୟାଳୟ ପ୍ରତିଷ୍ଠା ପାଇଁ ଉଲ୍ଲେଖ କରାଯାଇଛି। ଦାବିପତ୍ର ପ୍ରଦାନ ସମୟରେ ନାଗରିକ କମିଟି ସଭାପତି ମହେନ୍ଦ୍ର ଭୋଇ, ସମ୍ପାଦକ ଅଜିତ ଶତପଥୀ, ଆଡ଼ଭୋକେଟ ଭୂପତ ଚନ୍ଦ୍ର ଗୋହିଲ, ଉଦୟ ରଞ୍ଜନ ବହିଦାର, ବଣିକ ସଂଘ ସଭାପତି ପ୍ରତାପ ମିଶ୍ର, ରବିନାରାୟଣ ଦୋରା ପ୍ରମୁଖ ଉପସ୍ଥିତ ଥିଲେ ।

# ଆମ ପୋଲିସ କାର୍ଯ୍ୟକ୍ରମ

ସରଣ୍ଡା,୬।୧୦(ଡି.ଏନ.ଏ)

ବରଗଡ଼ ଜିଲା ଅତାବିରା ଥାନା ପୋଲିସ ପକ୍ଷରୁ ବୁଧବାର ଆମ ପୋଲିସ ସମିତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ବରଗଡ଼ ଏସଡ଼ିପିଓ ଦିପକ କୁମାର ଗୋଛାୟତ, ଅତାବିରା ଥାନା ଅଧିକାରୀ ଦିଲୀପ କୁମାର ବେହେରା, ଗୋଡ଼ଭଗା ଫାଣ୍ଡି ଅଧିକାରୀ ବିପିନ ବାଗ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଅତାବିରା, ଗୋଡ଼ଭଗାର ବରିଷ୍ଠ ନାଗରିକ ସଂଘ, କୁଲତା ସମାଜ, ମାରୱାଡ଼ି ଯୁବାମଞ୍ଚ, ବଣିକ ସଂଘ, ଓକିଲ ସଂଘ ପ୍ରତିନିଧିମାନେ ଯୋଗ ଦେଇଥିଲେ। ଅତାବିରା ଅଞ୍ଚଳରେ ଆଇନ ଶୃଙ୍ଖଳା ପରିସ୍ଥିତିରେ ସୁଧାର ଆଣିବା ସହିତ ଚୋରି, ଡକାୟତି ଅପରାଧ ରୋକିବା ଦିଗରେ ଲୋକେ ବିଭିନ୍ନ ଦାବି, ପ୍ରସ୍ତାବ ଉପସ୍ଥାପନ କରିଥିଲେ। ସେ ଦିଗରେ ବିହିତ ପଦକ୍ଷେପ ନିଆଯିବ ବୋଲି ଉପସ୍ଥିତ ପୋଲିସ ଅଧିକାରୀମାନେ ସୂଚନା ଦେଇଥିଲେ ।

# ବାଉଁଶୁଣୀରେ ଟ୍ରାଫିକ ସମସ୍ୟା




ରାସ୍ତାରେ ଟ୍ରାଫିକ ଜାମ୍।

ବାଉଁଶୁଣୀ,୬।୧୦(ଡି.ଏନ.ଏ.)

ବୌଦ୍ଧ ବ୍ଲକର ବାଉଁଶୁଣୀରେ ଟ୍ରାଫିକ ସମସ୍ୟା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଫଳରେ ଜନସାଧାରଣ ଯିବା ଆସିବାରେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବାଉଁଶୁଣୀ ବଜାର ଏକ ପ୍ରମୁଖ ବ୍ୟବସାୟିକ ପେଣ୍ଠସ୍ଥଳୀ। ଦିନକୁ ଦିନ ଦୋକାନ ବଜାର ସହ ଯାନବାହାନ ଦ୍ରୁତ ଗତିରେ ବଢ଼ିବାରେ ଲାଗିଛି। ତେଣୁ ଅନେକ ସମୟରେ ବାଉଁଶୁଣୀ ସହର ଓ ବଜାରରେ ଟ୍ରାଫିକ ସମସ୍ୟା ଦେଖାଦେଉଛି। ବାରମ୍ବାର ବାଉଁଶୁଣୀ ଛକ ଉପରେ ଗାଡି ଜାମ୍ ଘଟଣା ସାମ୍ନାକୁ ଆସୁଥିଲେ ହେଁ କୌଣସି ପ୍ରତିକାର କରାଯାଉ ନାହିଁ। ବୁଧବାର ପୂର୍ବାହ୍ନ ୧୦ଟା ସମୟରେ ୨ ଘଣ୍ଟା କାଳ ରାସ୍ତା ଜାମ ଥିଲେ ମଧ୍ୟ ନିୟନ୍ତ୍ରଣ ପାଇଁ କୌଣସି ପୋଲିସ କର୍ମଚାରୀଙ୍କ ଦେଖା ମିଳି ନ ଥିଲା। ଏହି ବଜାର ଉପରେ ୮ ଗୋଟି ପଞ୍ଚାୟତର ଲୋକେ ନିର୍ଭର କରିଥାନ୍ତି। ପୋଲିସର ମନମୁଖୀ କାର୍ଯ୍ୟ ଯୋଗୁ ଏଭଳି ପରିସ୍ଥିତି ସୃଷ୍ଟି ହେଉଥିବା ଜନସାଧାରଣରେ ଚର୍ଚ୍ଚା ହେଉଛି। ତୁରନ୍ତ ବିବାଦ ଘେରରେ ଥିବା ବାଉଁଶୁଣୀ ଥାନା ଅଧିକାରୀଙ୍କୁ ଏଠାରୁ ଜିଲା ବାହାରକୁ ବଦଳି କରିବାକୁ ଦାବି ହେଉଛି। ନଚେତ୍ ଆଗାମୀ ଦିନରେ ଜନସାଧାରଣ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

**୨ ଘଣ୍ଟା ରାସ୍ତା ଜାମ୍**

# ବିକାଶ ଆଇନ ସ୍କୁଲର ସଫଳତା



ଅଧ୍ୟାପିକା, ଅଧ୍ୟାପକଙ୍କ ଗହଣରେ କୃତୀ ଛାତ୍ରୀଛାତ୍ରବୃନ୍ଦ।

ବରଗଡ଼ ଅଫିସ୍,୬।୧୦

ବରଗଡ଼ର ବିକାଶ ଆଇନ ବିଦ୍ୟାଳୟରେ ପଞ୍ଚବାର୍ଷିକ ବିଏଲ୍ଏଲ୍‌ବି(ସମ୍ମାନ) ଇଣ୍ଟିଗ୍ରେଟେଡ୍ ଆଇନ ପାଠ୍ୟକ୍ରମ ପରୀକ୍ଷାଫଳରେ ଛାତ୍ରୀଛାତ୍ର ସଫଳତା ଅର୍ଜନ କରିଛନ୍ତି। ଏଠାରେ ସଫଳତା ହାର ଶତ ପ୍ରତିଶତ ରହିଛି। ସମସ୍ତ ଛାତ୍ରୀଛାତ୍ର ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି ବୋଲି ବିକାଶ ଗ୍ରୁପର ଏକ୍‌ଜିକ୍ୟୁଟିଭ ଡାଇରେକ୍ଟର ଡି. ନାଗେଶ୍ୱର ରାଓ ସୂଚନା ଦେଇଛନ୍ତି। ଅନୁଷ୍ଠାନ ଚେୟାରମ୍ୟାନ ଡି. ମୁରଲୀକ୍ରୀଷ୍ଣା, ଡାଇରେକ୍ଟର ଡଃ ସମରେନ୍ଦ୍ରନାଥ ପଣ୍ଡା, ଆଇନ ବିଦ୍ୟାଳୟ ଅଧ୍ୟକ୍ଷ ଡ ବିକ୍ରମ କୁମାର ଦାସଙ୍କ ସମେତ ସମସ୍ତ ଅଧ୍ୟାପିକା,ଅଧ୍ୟାପକ କୃତୀ ଛାତ୍ରୀଛାତ୍ର, ଅଭିଭାବକଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।

# କୃଷକଙ୍କୁ ହତ୍ୟା ଘଟଣାର ପ୍ରତିବାଦ

ଅମରପାଲି,୬।୧୦(ଡି.ଏନ.ଏ.)

ଉତ୍ତରପ୍ରଦେଶର ଲଖିମପୁରଠାରେ କୃଷକମାନଙ୍କୁ ଗାଡ଼ି ଚଢ଼େଇ ହତ୍ୟା କରାଯିବା ପ୍ରତିବାଦରେ ଶ୍ରମିକ ଓ କୃଷକ ଏକତା ମଞ୍ଚ ପକ୍ଷରୁ ବୀରମହାରାଜପୁର ମୁଖ୍ୟଛକଠାରେ କେନ୍ଦ୍ର ସରକାର ଓ ଉତ୍ତରପ୍ରଦେଶ ସରକାରଙ୍କ ବିରୋଧରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ବିକ୍ଷୋଭ ଶୋଭାଯାତ୍ରା ସ୍ଥାନୀୟ ବସଷ୍ଟାଣ୍ଡ ଛକରୁ ଆରମ୍ଭ ହୋଇ ମୁଖ୍ୟ ଛକ ପର୍ଯ୍ୟନ୍ତ ଯାଇଥିଲା। ଏହି ଅବସରରେ ମୁଖ୍ୟଛକଠାରେ ପ୍ରଧାନମନ୍ତ୍ରୀ ଓ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀଙ୍କ ଫଟୋଚିତ୍ର ଦାହ କରାଯାଇଥିଲା। ଏଥିରେ ଶ୍ରମିକ ନେତା ଗୋବିନ୍ଦ ମହାରଣା ଓ ରାଷ୍ଟ୍ରୀୟ ମଜଦୁର କଂଗ୍ରେସର ଜିଲା ସଭାପତି କର୍ଣ୍ଣରାଜ ପଧାନ ନେତୃତ୍ୱ ନେଇଥିଲେ ।

# ବୌଦ୍ଧ କଂଗ୍ରେସର କ୍ୟାଣ୍ଡେଲ ଶୋଭାଯାତ୍ରା

ବୌଦ୍ଧ,୬।୧୦(ସ୍ୱ.ପ୍ର.)

ଉତ୍ତରପ୍ରଦେଶର ଲଖିମପୁରଠାରେ ଗାଡି ଚଢାଇ ଚାଷୀଙ୍କୁ ହତ୍ୟା କରିବା ପ୍ରତିବାଦରେ ବୌଦ୍ଧ ଜିଲା କଂଗ୍ରେସ କମିଟି ପକ୍ଷରୁ ବୁଧବାର ସନ୍ଧ୍ୟାରେ ଏକ କ୍ୟାଣ୍ଡେଲ ଶୋଭାଯାତ୍ରା ସହିତ ଗାନ୍ଧୀଛକଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଜିଲା କଂଗ୍ରେସ କମିଟି ସଭାପତି ନବ କୁମାର ମିଶ୍ରଙ୍କ ନେତୃତ୍ୱରେ ଦଳୀୟ ନେତା ଓ କର୍ମୀ ଏନଏସି ଛକଠାରୁ ଗାନ୍ଧୀଛକ ପର୍ଯ୍ୟନ୍ତ ଯାଇଥିବା ଏହି ଶୋଭାଯାତ୍ରା ଓ ବିକ୍ଷୋଭ ସମାବେଶରେ ସାମିଲ ହୋଇଥିଲେ।

# ଫୁଟବଲ ଟୁର୍ଣ୍ଣାମେଣ୍ଟ: ସିଂଘିଯୁବା ବିଜୟୀ

ବିନିକା,୬।୧୦(ଡି.ଏନ୍.ଏ.)

ସୁବର୍ଣ୍ଣପୁର ଜିଲା ସାନଭାଲୁପାଲି ଗାଁର ୟଙ୍ଗଷ୍ଟାର ଆନୁକୂଲ୍ୟରେ ଏକ ଦିବସୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଗ୍ରାମ ଖେଳପଡିଆରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଟୁର୍ଣ୍ଣାମେଣ୍ଟରେ ସର୍ବମୋଟ ୮ଟି ଦଳ ଅଂଶଗ୍ରହଣ କରିଥିଲେ। ଏହି ଦଳଗୁଡିକ ହେଲା ସିଂଘିଯୁବା, ସିନ୍ଦୁରପୁର, କଦଳୀପାଲି, ଚନ୍ଦଲି,ଏନ୍.ବି.୧୧, ଅଏଁଲାସାରୀ, ଗର୍ଭନା ଓ ବାଞ୍ଜିପାଳି । ଟୁର୍ନମେଣ୍ଟର ପ୍ରଥମ ସେମି ଫାଇନାଲ ଖେଳ ସିଂଘିଯୁବା ବନାମ ଚନ୍ଦଲି ମଧ୍ୟରେ ହୋଇଥିଲା। ଉଭୟ ଫୁଟବଲ ଦଳ କେହି କାହାକୁ ଗୋଲ କରି ନ ପାରିବାରୁ ପେନାଲଟି ସୁଟଆଉଟ ହୋଇଥିଲା । ଏଥିରେ ସିଂଘିଯୁବା ଦଳ ଚନ୍ଦଲି ଦଳକୁ ୪-୨ରେ ପରାସ୍ତ କରି ଫାଇନାଲକୁ ଉତ୍ତୀର୍ଣ୍ଣ ହୋଇଥିଲା । ଦ୍ୱିତୀୟ ସେମି ଫାଇନାଲ ଖେଳ ଅଏଁଲାସାରି ଓ ଗର୍ଭନା ମଧ୍ୟରେ ହୋଇଥିଲା। ଏଥିରେ ଗର୍ଭନା ଦଳ ଅଏଁଲାସାରି ଦଳକୁ ୧-୦ଗୋଲ ଦେଇ ଦ୍ୱିତୀୟ ଦଳ ଭାବେ ଫାଇନାଲକୁ ଉତ୍ତୀର୍ଣ୍ଣ ହୋଇଥିଲା । ପରେ ସିଂଘିଯୁବା ଓ ଗର୍ଭନା ମଧ୍ୟରେ ଫାଇନାଲ ଖେଳ ହୋଇଥିଲା । ଏଥିରେ ସିଂଘିଯୁବା ଦଳ ଗର୍ଭନାକୁ ୨-୦ ଗୋଲରେ ପରାଜିତ କରି ବିଜୟୀ ହୋଇଥିଲା। ଏହାପରେ ପୁରସ୍କାର ବିତରଣୀ ଉତ୍ସବରେ ସ୍ଥାନୀୟ ସରପଞ୍ଚ ବିକାଶ କୁମାର ପତି ମୁଖ୍ୟଅତିଥି ଭାବରେ ଯୋଗ ଦେଇ ବିଜେତା ଦଳ ସିଂଘିଯୁବାକୁ ଚାମ୍ପିୟନ ଟ୍ରଫି ସହିତ ଘୋଷିତ ପୁରସ୍କାର ଅର୍ଥରାଶି ପ୍ରଦାନ କରିଥିଲେ। ୟଙ୍ଗଷ୍ଟାର ସଂଘ ସଭାପତି ଚୈତନ୍ୟ ପତି, ସଂଘ ପରିଚାଳକ ବିପିନ ବିହାରୀ ସିଂ କର୍ଣ୍ଣ ଉପବିଜେତା ଗର୍ଭନା ଦଳକୁ ପୁରସ୍କୃତ କରିଥିଲେ । ଫୁଟବଲ ଟୁର୍ଣ୍ଣାମେଣ୍ଟ ଆୟୋଜନରେ ସାନଭାଲୁପାଲି ୟଙ୍ଗଷ୍ଟାର କ୍ଲବର ନରେଶ,ଗୁପ୍ତା, ରାଜୁ, ରାଜୀବ, କମଲା, ମୁକେଶ, ଆଶିଷ, ପ୍ରଶାନ୍ତ, ଲାଲମୋହନ, ସୁରୁ, ବଜାରୁ, ଶ୍ରୀକର ଓ ଲବ ପ୍ରମୁଖ ସହଯୋଗ କରିଥିଲେ।



ଚାମ୍ପିୟନ ସିଂଘିଯୁବା ଦଳ ।